## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ବାଲିମେଳା, ୨୨।୫(ଡ଼ି.ଏନ.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିତାପାରି-୩ ପଞ୍ଚାୟତ ଅନ୍ତର୍ଗତ ଏମଭି -୧୦୯ ଗ୍ରାମରେ ରହୁଥିବା ଗୋବିନ୍ଦ ବିଶ୍ୱାସ(୪୫)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଶନିବାର ବିଳମ୍ବିତ ରାତିରେ ପ୍ରବଳ ଗରମ ହେଉଥିବାରୁ ଗୋବିନ୍ଦ ନିଜ ଘର ପିଣ୍ଡାରେ ମଶାରୀ ବାନ୍ଧି ଶୋଇଥିଲେ। ବିଳମ୍ବିତ ରାତିରେ ଏକ ବିଷାକ୍ତ ସାପ ତାଙ୍କ ବାମ ହାତକୁ କାମୁଡି ଦେଇଥିଲା। ଏହାର କିଛି ସମୟ ପରେ ହାତରେ ଯନ୍ତ୍ରଣା ହେବାରୁ ଗୋବିନ୍ଦ ପରିବାର ଲୋକଙ୍କୁ ଉଠାଇ ଏବିଷୟରେ କହିଥିଲେ। ତାଙ୍କୁ ସାପ କାମୁଡିଥିବା ଜାଣି ପରିବାର ଲୋକେ ତୁରନ୍ତ ଚିକତ୍ସା ଲାଗି କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପହଞ୍ଚିବା ବେଳକୁ ଗୋବିନ୍ଦଙ୍କ ମୃତ୍ୟୁ ହୋଇ ସାରିଥିଲା। ଫଳରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଓର୍କେଲ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ପଞ୍ଚାୟତ ସମିତି ଅଣଗେଜେଟେଡ୍ କର୍ମଚାରୀଙ୍କ ପ୍ରତୀକ ଧର୍ମଘଟ



ତେନ୍ତୁଳିଖୁଣ୍ଟି, ୨୨।୫(ଡି.ଏନ୍.ଏ.)-ରାଜ୍ୟ ଅଣ ଗେଜେଟେଡ୍ କର୍ମଚାରୀ ସଂଘ ତେନ୍ତୁଳିଖୁଣ୍ଟି ଶାଖା ସଦସ୍ୟମାନେ ଦରମା ହାର ବୃଦ୍ଧି ସମେତ ଅନ୍ୟ ଦାବି ନେଇ ସୋମବାରରୁ କଳାବ୍ୟାଜ୍ ପିନ୍ଧି ପ୍ରତୀକ ଧର୍ମଘଟ ଆରମ୍ଭ କରିଛନ୍ତି। ଏହି ଧର୍ମଘଟ ଜୁନ୍ ୧ ପର୍ଯ୍ୟନ୍ତ ଚାଲିବ। ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟର ମୁଖ୍ୟ କିରାଣି ସୁରେଶ ଚନ୍ଦ୍ର ନାୟକ, ସୁନୀଲ ଭତ୍ରା, ଆକାଶ ନାୟକ, ବିଏସ୍ଏସଓ ରବୀନ୍ଦ୍ର ସାହୁ, ଗଗନ ବିଷୋୟୀ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

### ବଜ୍ରପାତରେ ୭ ଗୋରୁ ମୃତ

ଲକ୍ଷ୍ମୀପୁର,୨୨।୫ ( ସ୍ୱ.ପ୍ର.)- କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅଞ୍ଚଳରେ ରବିବାର କାଳ ବୈଶାଖୀ ସାଙ୍ଗକୁ ବଜ୍ରପାତ ହୋଇଛି। କୁସୁମଗୁଡ଼ା ପଞ୍ଚାୟତର ତଳଚମ୍ପି ଗ୍ରାମ ନିକଟରେ ଥିବା କାଜୁ ଜଙ୍ଗଲରେ ଗୋରୁ ଚରୁଥିବା ବେଳେ ବଜ୍ରପାତରେ ୭ଟି ଗୋରୁଙ୍କ ମୃତ୍ୟୁ ହୋଇଥିଲା। ତଳଚମ୍ପି ଗ୍ରାମର ସଦା କଲେକା ଏବଂ ବିରଞ୍ଚି ମଣ୍ଡିଗାଙ୍କ ଗୋରୁ ଗ୍ରାମ ନିକଟସ୍ଥ କାଜୁ ଜଙ୍ଗଲକୁ ଚରିବାକୁ ଯାଇଥିଲେ। ସନ୍ଧ୍ୟାରେ କାଳ ବୈଶାଖୀ ଯୋଗୁ ବର୍ଷା ପବନ ହୋଇଥିଲା। ବଜ୍ରପାତ ମଧ ହୋଇଥିଲା। ଫଳରେ ଚରିବାକୁ ଯାଇଥିବା ଗୋରୁଗୁଡ଼ିକ ଘରକୁ ଫେରି ନଥିଲେ। ସୋମବାର ସକାଳୁ ଗୋରୁ ଖୋଜିବାକୁ ସଦା ଏବଂ ବିରଞ୍ଚି ଯାଇଥିଲେ। ଜଙ୍ଗଲରେ ସେମାନଙ୍କ ଗୋରୁଗୁଡିକର ମୃତ ଦେହ ପଡିଥିବା ସେମାନେ ଦେଖିବାକୁ ପାଇଥିଲେ। ଏନେଇ ସେମାନେ ପ୍ରଶାସନକୁ ଖବର ଦେଇଥିଲେ। ଖବର ପାଇ କାକିରିଗୁମ୍ମା ପ୍ରାଣୀ ଚିକିତ୍ସକ ଡା. ହରିଶ୍ ଦଳେଇ, ପ୍ରାଣୀଧନ ନିରୀକ୍ଷକ ପ୍ରମୋଦ ସାହୁ, ଲାଲ ବାହାଦୂର ବିଷୋୟୀ ପ୍ରମୁଖ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ଗୋରୁ ମାଲିକଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ଠିକାଦାରଙ୍କୁ ପାଣି ବିକୁଛି ଜନସ୍ୱାସ୍ଥ୍ୟ ବିଭାଗ

ରାୟଗଡ଼ା,୨୨।୫(ସ୍ୱ.ପ୍ର.)



ଜନ ସ୍ୱାସ୍ଥ୍ୟ ବିଭାଗଠାରୁ ଠିକାଦାର ପାଣି କିଣି ନେଉଥିବା ଟ୍ୟାଙ୍କର ।

ରାୟଗଡ଼ା ସହରବାସୀଙ୍କ ନିତ୍ୟ ବ୍ୟବହାର ଓ ପିଇବା ପାଣିର ଅଭାବ ରହୁଥିବା ବେଳେ ଜନ ସ୍ୱାସ୍ଥ୍ୟ ବିଭାଗ ଠିକାଦାରମାନଙ୍କୁ ଟ୍ୟାଙ୍କର ଟ୍ୟାଙ୍କର ପାଣି ବିକ୍ରି କରୁଥିବା ଦେଖିବାକୁ ମିଳିଛି । ଲୋଡ଼ ପିଛା ୫୦୦ରୁ ୭୦୦ ଟଙ୍କାରେ ପାଣି ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏନେଇ ଅଧିକାରୀଙ୍କୁ ପଚାରିଲେ ସେ କିଛି ଜାଣିନାହାନ୍ତି ବୋଲି କହୁଛନ୍ତି । ପ୍ରକାଶ ଯେ, ଦୀର୍ଘ ବର୍ଷ ଧରି ରାୟଗଡ଼ା ସହରର ବହୁ ଅଞ୍ଚଳରେ ପାନୀୟ ଜଳର ଘୋର ଅଭାବ ଲାଗି ରହିଛି, ଷ୍ଟାଣ୍ଡପୋଷ୍ଟଗୁଡ଼ିକ କାମ କରୁନାହିଁ । ଯେଉଁଠି କାମ କରୁଛି ଠିକ୍‌ରେ ପାଣି ଆସୁନାହିଁ। ଏଭଳିକି ଘରୋଇ ପାଇପ୍ କନେକ୍ସନ ଥିଲେ ମଧ ଉପଯୁକ୍ତ ପରିମାଣରେ ପାଣି ଲୋକେ ପାଇପାରୁ ନାହାନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ କୌଣସି ପଦାଧିକାରୀ କର୍ଣ୍ଣପାତ କରୁନାହାନ୍ତି । ରାୟଗଡ଼ା ସହର ରୟତ କଲୋନୀରେ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପାନୀୟ ଜଳର ଅଭାବ ରହିବା ସାଙ୍ଗକୁ ଗୋଳିଆ ପାଣି ଆସିବା ଦେଖିବାକୁ ମିଳିଥାଏ । ତଥାପି ଜନ ସ୍ୱାସ୍ଥ୍ୟ ବିଭାଗ ଏନେଇ କୌଣସି ପଦକ୍ଷେପ ନେଉନାହିଁ। ଅପରପକ୍ଷେ ରାୟଗଡ଼ାର ୩ଟି ସ୍ଥାନରେ ପାଣିଟାଙ୍କି ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ପାନୀୟ ଜଳ ବ୍ୟବସ୍ଥା ସୁଧୁରିବ ବୋଲି କହି ଏଡ଼ାଇ ଚାଲିଛନ୍ତି । ତେବେ ରାୟଗଡ଼ା ସହରରେ ୧୨ ନିୟୁତ ଲିଟର ଜଳର ଆବଶ୍ୟକ ଥିବାବେଳେ ବର୍ତ୍ତମାନ ନଦୀ ଏବଂ ଭୂତଳ ଜଳରୁ ମାତ୍ର ୯ ନିୟୁତ ଲିଟର ପାଣି ସଂଗ୍ରହ ହୋଇପାରୁଛି । ଏହି ସଂଗୃହୀତ ୯ ନିୟୁତ ଲିଟର ଜଳ ସହରବାସୀଙ୍କୁ ଯୋଗାଇବା ବଦଳରେ ସେଥିରୁ ଅଧିକାଂଶ ଠିକାଦାରମାନଙ୍କଠାରୁ ମୋଟା ଅଙ୍କ ନେଇ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଫଳରେ ସହରବାସୀ ପାଣି ପାଇଁ ହାହାକାର ହେଉଛନ୍ତି । ରାୟଗଡ଼ା ସହରର ରୟତ କଲୋନୀ, ରାମକୃଷ୍ଣନଗର, ମାରୁତି କଲୋନୀ, ଇନ୍ଦିରା ନଗର, ଗାନ୍ଧୀନଗର, ଗୌତମନଗର, ଚେକାଗୁଡ଼ା ଓ ଡୁମ୍ବିଗୁଡ଼ା

### ପାଣି ପାଇଁ ହାହାକାର

ଆଦି ଅଞ୍ଚଳରେ ପାନୀୟ ଜଳର ଅଭାବ ଥିବା ବେଳେ ସେଠାରେ ଷ୍ଟାଣ୍ଡ ପୋଷ୍ଟ କାମ କରୁନାହିଁ। ଏହା ବଦଳରେ ଗୋଟିଏ ଗୋଟିଏ ପ୍ଲାଷ୍ଟିକ ଟାଙ୍କି ଲଗାଇ ଦିନରେ ଥରେ ପାଣି ଯୋଗାଇ ଅଧିକାରୀମାନେ ବଳକା ପାଣି ଠିକାଦାରଙ୍କୁ ବିକ୍ରି କରୁଛନ୍ତି। ଏଭଳିକି ରାମକୃଷ୍ଣନଗର ସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ବାଳିକା ହଷ୍ଟେଲରେ ଦୀର୍ଘଦିନ ପାଣି ଆସୁ ନ ଥିବାରୁ ସେଠାରେ ରହୁଥିବା ଅନ୍ତେବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ତ ଦୂରର କଥା ପିଇବା ପାଇଁ ପାଣି ପାଉ ନ ଥିବାରୁ ଟାଙ୍କି କିଣି ଆଣି ବ୍ୟବହାର କରୁଛନ୍ତି। ଏପଟେ ପାଣି କନେକ୍ସନ ପାଇଁ ଉପଭୋକ୍ତାଙ୍କ ଠାରୁ ମାସିକ କର ନେଉଥିବା ଜନ ସ୍ୱାସ୍ଥ୍ୟ ବିଭାଗ ଲୋକଙ୍କୁ ଉପଯୁକ୍ତ ପାଣି ନ ଯୋଗାଇ ଠିକାଦାରଙ୍କୁ ବିକ୍ରି କରି ଜନସାଧାରଣଙ୍କୁ ବିଭାଗୀୟ ଅଧିକାରୀ ହଇରାଣ କରୁଥିବା ବୁଦ୍ଧିଜୀବୀ କହିଛନ୍ତି । ଏନେଇ ଜନ ସ୍ୱାସ୍ଥ୍ୟ ବିଭାଗର ରାୟଗଡ଼ା ଉପଖଣ୍ଡ ନିର୍ବାହୀ ଯନ୍ତ୍ରୀ ସହଦେବ କିସାନଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣିନାହାନ୍ତି । ଏହି ଅଭିଯୋଗର ତଦନ୍ତ କରିବେ ବୋଲି କହିଛନ୍ତି ।

# ମଝିଘରିଆଣି ମନ୍ଦିର ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ


ରେଳ କର୍ତ୍ତୃପକ୍ଷ ଓ ରାଜସ୍ୱ ବିଭାଗ କର୍ମଚାରୀ ମ୍ୟାପ୍ ଦ୍ୱାରା ଜମି ଚିହ୍ନଟ କରୁଛନ୍ତି ।

ରାୟଗଡ଼ା,୨୨।୫(ସ୍ୱ.ପ୍ର.)

ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଝିଘରିଆଣି ମନ୍ଦିରକୁ ରେଳ ବିଭାଗ ପକ୍ଷରୁ ୬.୩ ଏକର ଜମି ହସ୍ତାନ୍ତର ପ୍ରକ୍ରିୟା ସୋମବାର ଆରମ୍ଭ ହୋଇଛି । ସୋମବାର ୱାଲଟିୟର ରେଳ ଡିଭିଜନ ଏଡିଇଏନ୍ ସଞ୍ଜୀବ ଦୀକ୍ଷିତ୍ ଟିମ୍ ସହ ରାୟଗଡ଼ା ଆସି ମନ୍ଦିରକୁ ଦିଆଯିବାକୁ ଥିବା ଜମି ବଦଳରେ ରାଜ୍ୟ ସରକାରଙ୍କଠାରୁ ଅନୁରୂପ ଜମି ନେବା ପାଇଁ ମନ୍ଦିର ଆଖପାଖ ଅଞ୍ଚଳରେ ଥିବା ସରକାରୀ ଜମି ଚିହ୍ନଟ କରିଥିଲେ। ଏହି ଜମି ଚିହ୍ନଟ ବେଳେ ରାୟଗଡ଼ା ଟାଉନ ରାଜସ୍ୱ ଅଧିକାରୀ ଟି.ଶ୍ୟାମସୁନ୍ଦର ଓ ରାଜସ୍ୱ ବିଭାଗ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଜମି ଚିହ୍ନଟରେ ସହଯୋଗ କରିଥିଲେ ।

ପ୍ରକାଶଯେ, ରେଳ ଲାଇନ୍ ସମ୍ପ୍ରସାରଣ ପାଇଁ ମନ୍ଦିର ନିକଟରେ ଥିବା ରେଳ ବିଭାଗ ନିଜ ଜମି ଫେରସ୍ତ ପାଇଁ ମନ୍ଦିର କମିଟିକୁ କହିଥିଲା । ତେବେ ମନ୍ଦିର କମିଟି ପକ୍ଷରୁ ଅନୁରୋଧରେ ପୂର୍ବତଟ ରେଳପଥ ପକ୍ଷରୁ ମନ୍ଦିରକୁ ୬.୩ ଏକର ଜମି ହସ୍ତାନ୍ତର କରାଯିବା ନେଇ ଜାନୁୟାରୀରେ ଚଇତିରେ ଯୋଗଦେବା ଅବସରରେ ୱାଲଟିୟର ଡିଭିଜନ ଡିଆରଏମ୍ ଅନୁପ ଶତପଥୀ ଚଇତି ମଞ୍ଚରେ ଘୋଷଣା କରିଥିଲେ । ତେବେ ଏହା ବଦଳରେ ରାଜ୍ୟ ସରକାର ସମାନ ଜାଗା ରେଳ ବିଭାଗକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଧାରିତ ହୋଇଥିଲା । ଏଣୁ ରାଜସ୍ୱ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ରେଳ କର୍ତ୍ତୃପକ୍ଷ ଆସି ଜମି ଚିହ୍ନଟ କରିଥିଲେ । ରେଳ ବିଭାଗ ଜମି ରାଜ୍ୟ ସରକାରଙ୍କୁ ହସ୍ତାନ୍ତର ହେବା ପରେ ରାଜ୍ୟ ସରକାର ଉକ୍ତ ଜମି ମନ୍ଦିରକୁ ହସ୍ତାନ୍ତର କରିବେ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ରାଇସିଂ ବିଡିକା ସୂଚନା ଦେଇଛନ୍ତି । ଏହି ଜମି ହସ୍ତାନ୍ତର ପ୍ରକ୍ରିୟା ଖୁବ୍ ଶୀଘ୍ର ଶେଷ ହେବ ବୋଲି ଏଡିଇଏନ୍ ସଞ୍ଜୀବ ଦୀକ୍ଷିତ ସୂଚନା ଦେଇଛନ୍ତି ।

# ଜଳ ଅପଚୟ ରୋକିବ ମିଟର


ରାୟଗଡାରେ ପାଣି ମିଟର ଲାଗି ସର୍ଭେ କରାଯାଉଛି ।

ରାୟଗଡା ଅଫିସ,୨୨।୫

ଜଳ ଏକ ପ୍ରାକୃତିକ ସମ୍ପଦ । ଅନେକ ସମୟରେ ଲୋକେ ଏହାର ଦୁରୁପଯୋଗ କରିଥାନ୍ତି । ଫଳରେ କେଉଁଠି ଲୋକେ ବୁନ୍ଦାଏ ଜଳ ପାଉ ନାହାନ୍ତି ତ ଆଉ କେଉଁଠି ଲୋକେ ଆବଶ୍ୟକଠାରୁ ଅଧିକ ପାଣି ବ୍ୟବହାର କରୁଛନ୍ତି। ତେଣୁ ଏହା ଉପରେ ରୋକ୍ ଦେବା ପାଇଁ ଏବଂ ଜଳର ସଦୁପଯୋଗ ସହ ଅପଚୟ ରୋକିବାକୁ ଜନ ସ୍ୱାସ୍ଥ୍ୟ ବିଭଗ ପାଣି ମିଟର ବସାଇବା ଆରମ୍ଭ କରିଛି। ଯେତିକି ବ୍ୟବହାର କରିବେ ସେତିକି ଟଙ୍କା ବାନ୍ଧିବେ।

ଏହା ସହରାଞ୍ଚଳ ଯଥା, ରାୟଗଡାସହର, ଗୁଣୁପୁର ଓ ଗୁଡାରିରେ ଲାଗୁ କରାଯିବ ବୋଲି ବିଭାଗ ସୂଚନା ଦେଇଛି। ପୂର୍ବରୁ କୋଟି କୋଟି ପାଣି ବିଲ ବକେୟା ଥିବା ବେଳେ ଲୋକେ ଏହା ଦେଉ ନାହାନ୍ତି । ଜଳ ସାଥିମାନେ ଯାଇ ଘରେ ଘରେ ମାଗୁ ଥିଲେ ମଧ ଟଙ୍କା ବାନ୍ଧୁ ନାହାନ୍ତି । ଆଗାମୀ ଦିନରେ ପାଣି ଚୋରି କରୁଥିବା ଲୋକଙ୍କ ଉପରେ ମଧ

### ବ୍ୟବହାର ଯେତିକି ଟଙ୍କା ବାନ୍ଧିବେ ସେତିକି

ନଜର ରଖିବ ମିଟର। ୱାଟ୍‌କୋ ଡିଭିଜନ, ଭୁବନେଶ୍ୱର ଏହାକୁ ଟେଣ୍ଡର କରିଛି। ରାୟଗଡା ଜନ ସ୍ୱାସ୍ଥ୍ୟ ବିଭାଗ ଏହାର ତଦାରଖ କରିବ ବୋଲି ଜଣାପଡିଛି। ସରକାରୀ ସ୍ତରରୁ ପ୍ରତ୍ୟକ ଘରେ ପାଣି ମିଟର ଲଗାଯିବା ସହ ରାୟଗଡା ସହରରେ ବର୍ତ୍ତମାନ ସୁଦ୍ଧା ୪୪୪୮ ମିଟର ଲାଗି ସାରିଲାଣି । ରାୟଗଡାର ରୈତ କଲୋନୀ, ରାଣୀଗୁଡା ଫାର୍ମ ଏପରି ଅଞ୍ଚଳ ଗୁଡିକରେ ପାଣି ମିଟର ଲଗା ଗଲାଣି । ଆଗକୁ ୧୨୦୪୩ ମିଟର ଲାଗାଯିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ଏସ୍‌ଡ଼ିଓ ସହଦେବ କିସାନ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଜୁଲାଇ ସୁଦ୍ଧା ରାୟଗଡା, ଗୁଣୁପୁର ଓ ଗୁଡାରିରେ ସମସ୍ତ ଘରେ ମିଟର ଲାଗିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏନେଇ ଆର.କେ.ନଗର ବାସିନ୍ଦା ବୈଜୟନ୍ତୀ ମିଶ୍ର କହିଛନ୍ତି, ସରକାରଙ୍କର ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଦ୍ୱାରା ଲୋକେ ସଚେତନ ହୋଇ ଜଳର ସଦୁପଯୋଗ କରିବେ, କିନ୍ତୁ ଅନେକ ସମୟରେ ଜନସ୍ୱାସ୍ଥ୍ୟ ବିଭଗ ପକ୍ଷରୁ ଗୋଳିଆପାଣି ପାଇପ୍ ଯୋଗେ ଆସୁଛି। ଏନେଇ ଧ୍ୟାନ ଦିଆ ଯାଉ ସିଧା ସଳଖ ଭାବେ ଗୋଳିଆ ପାଣିକୁ ପିଇପାରୁ ନ ଥିବା କହିଛନ୍ତି ।

ଏନେଇ ପିଏଚଡ଼ି ଏସଡ଼ିଓ ସହଦେବ କିସାନ କହିଛନ୍ତି, ୧୦୦ ବର୍ଷର ପୁରୁଣା ଟାଙ୍କି ଯୋଗୁ ପାଣି ଗୋଳିଆ ଆସୁଛି। କାରଣ ଟାଙ୍କି ଖରାପ ହୋଇ ଆସିଲାଣି। ନୂତନ ଟାଙ୍କି ନିର୍ମାଣ କାମ ଚାଲିଛି ଏହା ସମ୍ପୂର୍ଣ ହେଲେ ସମସ୍ୟା ଦୂରହେବ। ହେଲେ ନୂତନ ଟାଙ୍କି ତିଆରି କାର୍ଯ୍ୟ ଶେଷ ଚଳିତ ମାସରେ ଶେଷ ହେବାକୁ ଥିଲେ ସୁଦ୍ଧା ସରି ନାହିଁ । ଏହା ତୁରନ୍ତ ଶେଷ କରିବାକୁ ଲୋକେ ଦାବି କରିଛନ୍ତି। ଏନେଇ ଲୋକଙ୍କୁ ସଚେତନ ପାଇଁ ବକେୟା ଟଙ୍କା ପଇଠ ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ଅବଗତ କରାଯାଉଛି ।

# କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ

ମାଲକାନଗିରି,୨୨।୫(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ମାନ୍ୟମକୋଣ୍ଡା ପଞ୍ଚାୟତ ସୀତାପାଲି ଘାଟିରେ କଲଭର୍ଟ କାର୍ଯ୍ୟ କରୁଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ପାର୍ସାଗୁଡା ଗ୍ରାମର ଦାମୁ ଭତ୍ରାଙ୍କ ପୁଅ ନାରାୟଣ ଭତ୍ରା (୪୭)। ନାରାୟଣ ଏକ ମାସ ତଳେ ଗ୍ରାମର ଅନ୍ୟମାନଙ୍କ ସହ ମିଶି ମାଲକାନଗିରି କାଲିମେଳା ଅଞ୍ଚଳରେ ଚାଲୁଥିବା ବିଏମ୍ଏସ୍ କମ୍ପାନୀର ଠିକାଦାର ଅଶୋକ ବାଉଲଙ୍କ ନିକଟରେ କାର୍ଯ୍ୟ କରୁଥିଲେ। ସେ ମାନ୍ୟମକୋଣ୍ଡାରୁ ୫କି.ମି. ଦୂର ସୀତାପାଲି ଘାଟିରେ ଚାଲିଥିବା କଲଭର୍ଟ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଠିକାଦାର ବାଉଲଙ୍କ କହିବା ଅନୁଯାୟୀ ନାରାୟଣଙ୍କ ଦେହ ରବିବାର ଅସୁସ୍ଥ ଥିଲା। ତାଙ୍କୁ ଚିକିତ୍ସା ପାଇଁ ମାନ୍ୟମକୋଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କ ରକ୍ତନମୁନା ପରୀକ୍ଷାରୁ ମ୍ୟାଲେରିଆ ବାହାରିଥିଲା। ତାଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ସେହି ଔଷଧ ଖାଇ ନାରାୟଣ ଟିକେ ସୁସ୍ଥ ହୋଇଥିଲେ। ତେବେ ସୋମବାର ହଠାତ ପୁଣି ସେ ଅସୁସ୍ଥ ହୋଇ ପଡିବାରୁ କାର୍ଯ୍ୟ ସ୍ଥଳରେ ଥିବା ଟିପ୍ପର ଗାଡ଼ିରେ ତାଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ନାରାୟଣଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

# ମେଗା ପ୍ରକଳ୍ପରେ ନିମ୍ନମାନର ପାଇପ୍ ଲାଇନ କାର୍ଯ୍ୟ

ଜୟପୁର, ୨୨।୫ (ନି.ପ୍ର.)

ଗ୍ରାମାଞ୍ଚଳରେ ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ମେଗା ଜଳପ୍ରକଳ୍ପ ଦ୍ୱାରା କରାଯାଇଥିବା ପାଇପ ଲାଇନ କାର୍ଯ୍ୟ ଅତିନିମ୍ନମାନର ହୋଇଥିବା ଜୟପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସମାଜିକ କର୍ମୀ ବି. ହରିରାଓଙ୍କ ସହ ବାଘବେଢା ଗ୍ରାମବାସୀ ଏନେଇ ଅଭିଯୋଗ କରି ପ୍ରଶାସନକୁ ଏକ ଦାବିପତ୍ର ସୋମବାର ଦେଇଛନ୍ତି। ଖବରରୁ ଜଣାପଡିଛି, ବୋରିଗୁମ୍ମା ବ୍ଲକ ଗୁମୁଡା ପଞ୍ଚାୟତର ବାଘବେଢା ଗ୍ରାମରେ ମେଗା ପାନୀୟଜଳ ପ୍ରକଳ୍ପ ଦ୍ୱାରା ପାଇପ ଯୋଗେ ଜଳ ଯୋଗାଣ ନେଇ ପାଇପ ଲାଇନ ବିଛା କାର୍ଯ୍ୟ ହୋଇଛି। ଏହା ଅତି ନିମ୍ନମାନର କରାଯାଇଛି । ନିୟମ ଅନୁସାରେ ପ୍ରାୟ ୩ ଫୁଟ ମାଟି ଖୋଳି ପାଣି ପାଇପ ପଡିବା କଥା । ମାତ୍ର

### ପାଇପ ଯୋଗେ ପାନୀୟ ଜଳ ଯୋଗାଣ

ଠିକାଦାର ତାଙ୍କ ସୁବିଧା ମୁତାବକ ଏକ ଫୁଟ ଖୋଳି ପାଇପ ଲାଇନ ପକାଇଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ,ଏସିଡିଓ କେହି ଏହି କାର୍ଯ୍ୟକୁ ତଦାରଖ କରୁନାହାନ୍ତି । କିଛି ଦିନ ପରେ ଏହି ପାଇପ୍ ଫାଟିଯିବାର ଆଶଙ୍କା ରହିଛି। ଫଳରେ ସେତେବେଳେ ଗ୍ରାମବାସୀ ମେଗା ପାନୀୟ ଜଳ ପ୍ରକଳ୍ପରୁ ପାନୀୟ ଜଳ ପାଇବାରୁ ବଞ୍ଚିତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ସୂଚନାଯୋଗ୍ୟ, ଏହି ଦାବିପତ୍ର କୋରାପୁଟ ଜିଲାପାଳ ଏବଂ ଭିଜିଲାନ୍ସ ବିଭାଗକୁ ମଧ୍ୟ ପ୍ରଦାନ କରାଯାଇଛି ।



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

# ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

ବିଷମ କଟକ, ୨୨।୫(ଡି.ଏନ.ଏ.)

ବିଷମକଟକ ବ୍ଲକ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଯୋଗଦେଇ ୧୪ ଅଭିଯୋଗ ଗ୍ରହଣ କରି ଏଗୁଡିକର ତୁରନ୍ତ ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ୧୪ ଅଭିଯୋଗରୁ ୮ ବ୍ୟକ୍ତିଗତ ଓ ୬ ସାମୁହିକ ଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ଉପ ଚିକିତ୍ସା ଅଧିକାରୀ ଡାକ୍ତର ବି.ଏଲ୍.ଏନ୍ ପୃଷ୍ଟି, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଶାନ୍ତିପ୍ରଭା ବେହେରା, ଅଧକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଅଭିଯୋଗ ଗୁଡିକ ଶୁଣାଣି କରିଥିଲେ। ଏଥିରେ ବିଡିଓ ସଦାଶିବ ନାୟକ, ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀ, ଜିଲା ଶିକ୍ଷା ଉପ ଅଧିକାରୀ ଭାଜନ ଲାଲ ମାଝି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗମାଙ୍ଗ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ,ଜିଲା ସମାଜ କଲ୍ୟାଣ ଅଧିକାରୀ ଯାଜ୍ଞସେନି ବେହେରା,ଉପଖଣ୍ଡ ଆରକ୍ଷୀ ଅଧିକାରୀ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ବିଷମକଟକ ବ୍ଲକର ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଅଭିଯୋଗ ଶୁଣାଣିକୁ ଗୋପୀନାଥ ମହାଙ୍କୁଡ ପରିଚାଳନା କରିଥିବା ବେଳେ ଉପ ଜିଲାପାଳ ସୋମନାଥ ପ୍ରଧାନ ଅଭିଯୋଗ ଗୁଡିକୁ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।



ମିଳିତ ଅଭିଯୋଗ ଶୁଣାଣି କରାଯାଉଛି।

# କ୍ରିକେଟ୍ ବେଟିଂ: ଅଧିକ ଟଙ୍କା ରୋଜଗାର ଆଶାରେ ଯୁବପିଢ଼ି

ରାୟଗଡ଼ା,୨୨।୫(ସ୍ୱ.ପ୍ର.)

ଯୁବପିଢ଼ି କମ୍ ସମୟରେ କିଭଳି ଅଧିକ ରୋଜଗାର କରିବେ ଏବେ ତାଙ୍କୁ ସେ ନିଶା ଘାରିଛି। ତାହା ହେଉଛି କ୍ରିକେଟ୍ ବେଟିଂ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କମ୍ ସମୟରେ ଅଧିକ ରୋଜଗାର କରିବା । ଟଙ୍କା ରୋଜଗାର ପାଇଁ ଯୁବପିଢ଼ି ଉପାୟ ଖୋଜୁଛନ୍ତି। କେଉଁଠାରେ ଚାକିରି କରି ୮ ଘଣ୍ଟା ପରିଶ୍ରମ ବଦଳରେ ଦିନକୁ ୨ କିମ୍ବା ୪ ଘଣ୍ଟାରେ ଟଙ୍କା କମାଇବା ନିଶା ଏବେ ଯୁବପିଢ଼ିଙ୍କୁ ପାଗଳ କରିଛି । ଏହିଭଳି ଏକ ନିଶା ହେଉଛି କ୍ରିକେଟ ବେଟିଂ। କଲେଜ ଛାତ୍ରଠାରୁ ଆରମ୍ଭକରି ସବୁ ବୟସର ଯୁବକ ଏଥିରେ ଲିପ୍ତ ରହୁଛନ୍ତି । ବିଭିନ୍ନ କପଡ଼ା ଦୋକାନୀ, ରାଶନ, ପାନ ଦୋକାନୀ ଏବଂ ବଡ଼ ବଡ଼ ବ୍ୟବସାୟୀ ମଧ ଏଥିରେ ସାମିଲ ରହୁଛନ୍ତି । ତେବେ ଏହା ବେଶି ପ୍ରଭାବିତ କରିଛି ଯୁବପିଢ଼ିଙ୍କୁ । ଏଭଳିକି ଏହି ବେଟିଂରେ ଯୁବ ପୋଲିସ କର୍ମଚାରୀମାନେ ମଧ ସାମିଲ ଥିବା ଜଣାପଡ଼ିଛି । ରାୟଗଡ଼ାଠାରୁ ଆରମ୍ଭକରି ବ୍ରହ୍ମପୁର, ଭୁବନେଶ୍ୱର ଓ କଟକ ପର୍ଯ୍ୟନ୍ତ ଏହାର ଚେର ଲମ୍ବିଛି। ରାଜ୍ୟ ସରକାର ବେଟିଂ ବ୍ୟାନ କରିଥିବା ବେଳେ ଏହା ବିଭିନ୍ନ ସ୍ଥାନରେ ଚାଲିଛି। ହେଲେ ପୋଲିସ ପାଖରେ ଏ ନେଇ କୌଣସି ଖବର ନାହିଁ, କିମ୍ବା ଜାଣିଶୁଣି ଚୁପ୍ ରହିଛି ତାହା ସନ୍ଦେହରେ। ରାୟଗଡ଼ା ଜିଲାର ୧୧ ବ୍ଲକରେ ଏହାର ଚେର ଲମ୍ବିଛି। ସହରର ପ୍ରାୟ ୭୦ ପ୍ରତିଶତ ଯୁବକ ଏବେ ଏହି ବେଟିଂ ନିଶାରେ ପଡ଼ିଛନ୍ତି ବୋଲି ଏହି ଖେଳ ଖେଳୁଥିବା ଜଣେ ଯୁବକ ନାମ ଗୋପନ ରଖି କହିଛନ୍ତି।

ରାୟଗଡ଼ା ଜିଲାରେ ଏହା କେତେ ଚାଲିଛି ସେନେଇ ଖୋଳତାଡ଼ କରିବା ପରେ ଜଣେ ରାଶନ ଦୋକାନୀଙ୍କଠାରୁ ଗୁମର ଖୋଲିଥିଲା। ସେ ମଧ ବେଟିଂରେ ଟଙ୍କା ଲଗାନ୍ତି । ଧାର କରଜ କରି ପାଖାପାଖି ୧୫ ହଜାର ଟଙ୍କା ସାରି ଦେଲେଣି। କେତେବେଳେ ଟଙ୍କା ଆସେ ତ ଆଉ କେତେବେଳେ ଯାଏ ତାହା ଜଣାପଡେନି। ଏହାପରେ ସେ ବେଟିଂ ଛାଡ଼ି ଦେଇଥିବା କହିଛନ୍ତି। ତେବେ ଉଧାର ଆଣିଥିବା ଟଙ୍କା ବର୍ତ୍ତମାନ ଶୁଝି ପାରୁନାହାନ୍ତି। ତାଙ୍କ ଭଳି ଅନେକ ଯୁବକ ଏହି ବେଟିଂର ଶିକାର ହୋଇ ଧାର ଉଧାର କରି ଟଙ୍କା ହରାଇ ଲୁଚି ବୁଲୁଛନ୍ତି ବୋଲି ସେ କହିଛନ୍ତି।

ତାଙ୍କ କହିବା ଅନୁଯାୟୀ, ୧୦୦୦ ଟଙ୍କା ଲଗାଇଲେ ୮୦୦ ରୁ ୯୫୦ ଟଙ୍କା ଅଧିକା ମିଳେ । ଏହି ଅନୁପାତରେ ଯିଏ ଯେତେ ହଜାର ଲଗାଇ ପାରିଲା । ହେଲେ ହାରିଲେ ଟଙ୍କା ସବୁ ବୁଡ଼ିଲା। ରାୟଗଡ଼ା ଜିଲାରେ ପ୍ରତେକ ମ୍ୟାଚରେ ପାଖାପାଖି ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବେଟିଂ ଲାଗୁଛି । କିଛି ବର୍ଷ ପୂର୍ବେ ଜଣେ ଏଜେଣ୍ଟ ଥିଲେ। ହେଲେ ମ୍ୟାଚ ବେଳେ ବଢ଼ିଯାଇଛି ଏହି ବେଟିଂ ଓ ଏହାର ଏଜେଣ୍ଟ । ରାୟଗଡ଼ା ସହରରେ ଦୁଇ ଜଣ ଏଜେଣ୍ଟ ଥିବା ସେ ସୂଚନା ଦେଇଛନ୍ତି। କ୍ରିକେଟ୍ ବେଟିଂରେ ଯୁବ ପୋଲିସ କର୍ମଚାରୀମାନେ ଜଡ଼ିତ ଥିବା ବେଳେ ପୋଲିସ ପାଖରେ ଏନେଇ କୌଣସି ସୂଚନା ନାହିଁ । ସେ ଆହୁରି କହିଛନ୍ତି, ବର୍ତ୍ତମାନ ବହୁତ ଅନ୍‌ଲାଇନ ବେଟିଂ ଚାଲିଲାଣି । ଲୋକେ ଆକାଉଣ୍ଟରୁ ଟଙ୍କା ଟ୍ରାନ୍ସଫର କରି ବେଟିଂରେ ଲଗାଉଛନ୍ତି । ହେଲେ ସେଥିରେ କମ୍ ଲାଭ ମିଳେ ।

### ବେଟିଂ ଚାଲେ କିପରି

କ୍ରିକେଟ ବେଟିଂ ଏଜେଣ୍ଟ ରାୟଗଡ଼ା ଓ ଗୁଣପୁର ଅଞ୍ଚଳରେ ଥିବା ବେଳେ ଏହାର ଚେର ଜିଲାର ୧୧ ବ୍ଲକକୁ ଲମ୍ବିଛି । ପୂର୍ବରୁ ଏହାକୁ ହାତଗଣତି ଲୋକ ଖେଳୁଥିଲେ । ଏବେ ଏଥିରେ ସବୁ ବର୍ଗର ଧନୀ, ଗରିବ ଏବଂ ସବୁ ବୟସର ଲୋକେ ଖେଳୁଛନ୍ତି । ବେଟିଂ ଖେଳିବା ଲାଗି ଉକ୍ତ ଏଜେଣ୍ଟଙ୍କ ସହିତ ଯୋଗାଯୋଗ କରି ବୁକି ମାଧ୍ୟମରେ ଏକ ଆଇଡି ଓ ପାସ୍‌ୱାର୍ଡ ମିଳିବା ପରେ ବୁକିଙ୍କୁ ଟଙ୍କା ଦେଇ ଆଇଡିରେ ଟଙ୍କା ଅପ୍‌ଲୋଡ଼ କରିବେ । ଏହାପରେ ନିଜେ କ୍ରିକେଟର ପ୍ରତି ମ୍ୟାଚରେ ଦଳ ଉପରେ ବେଟିଂ କରିପାରିବେ । ଏପରିକି ଖେଳାଳିଙ୍କ ଉପରେ ମଧ ବେଟିଂ କରାଯାଉଥିବା ଯୁବକ ଜଣକ କହିଛନ୍ତି। ତେବେ କେତେକ ପ୍ରତିପତିଶାଳୀ ଧନୀ ଯୁବକ ନିଜ ନାମରେ ଏକାଧିକ ଆଇଡି ଖୋଲି ବେଟିଂରେ ଟଙ୍କା ଲଗାଉଛନ୍ତି । ଗୋଟିଏ ପଟେ ହାରିଲେ ଅନ୍ୟ ପଟେ ଜିତୁଛନ୍ତି, ଯାହାଦ୍ୱାରା ହାରିଥିବା ମ୍ୟାଚରେ କ୍ଷତି କମ୍ ହୁଏ ବୋଲି କହିଛନ୍ତି। ଅଧିକାଂଶ ଯୁବକ ହାତରେ ମୋବାଇଲ ଫୋନ ଧରି ପ୍ରତି ମୁହୂର୍ତ୍ତରେ କ୍ରିକେଟ ଖେଳର ଅପଡେଟ୍ ନେଉଥିବା ଦେଖାଯାଉଛି । ସେହି ଅନୁପାତରେ ସେମାନେ ବେଟିଂରେ ହଜାର ହଜାର ଟଙ୍କା ଲଗାଉଛନ୍ତି । ଏହି ବେଟିଂ ଖେଳର ଏକ ବୃହତ୍ ନେଟୱର୍କ ଅଛି। ରାୟଗଡ଼ାର ଏଜେଣ୍ଟ ତାଙ୍କ ଟଙ୍କା ବ୍ରହ୍ମପୁର ବୁକି ମାଧ୍ୟମରେ ବେଟିଂ କରୁଛନ୍ତି । ଏଭଳିକି ଭୁବନେଶ୍ୱରର ବହୁ ଅଞ୍ଚଳର ଯୁବକ ମଧ ବ୍ରହ୍ମପୁର ଏଜେଣ୍ଟଙ୍କ ଦ୍ୱାରା ବେଟିଂରେ ଟଙ୍କା ଲଗାଇଥାନ୍ତି । କେନ୍ଦ୍ର ସରକାର ଅଶ୍ଳୀଳ ଭିଡିଓ ବନ୍ଦ ପାଇଁ ବିଭିନ୍ନ ଡାଟା ଲେଭଲ ସିକ୍ୟୁରିଟି ବ୍ୟବସ୍ଥା ଥିବା ବେଳେ ଏହି ବେଟିଂ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏ ସମ୍ପର୍କରେ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ପଚାରିବାରୁ ଏ ନେଇ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଜଣେ ଡିଏସ୍‌ପି ପାହ୍ୟା ଅଫିସରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯିବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ମାଲବାହୀ ଟ୍ରେନ ଧକ୍କାରେ ଜଣେ ମୃତ

ନନ୍ଦପୁର, ୨୨ା୫ (ଡି.ଏନ.ଏ.)- ନନ୍ଦପୁର ବ୍ଲକ ଦେଇ ଯାଇଥିବା ବିଶାଖାପାଟଣା-କିରାଣ୍ଡୁଲ ରେଳ ଧାରଣାରେ ଏକ ମାଲଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପଟାଙ୍ଗି ବ୍ଲକ ପୁକାଲି ଗ୍ରାମର ସୁନାଧର ଅର୍କାଟିଆ (୫୧)। ସୋମବାର ସକାଳ ୯ଟାରେ ପାଡୁଆ ଷ୍ଟେସନ ପୂର୍ବରୁ ଥିବା ସୁବୁଲାର ଗ୍ରାମ ନିକଟସ୍ଥ ରେଳ ଧାରଣାରେ ଏଭଳି ଘଟଣା ଦେଖିବାକୁ ମିଳିଛି। ସୁନାଧର ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ସହ ସବୁଲାର ଗ୍ରାମରେ ବହୁ ଦିନ ହେଲା ରହୁଥିଲେ। ଘଟଣା ସଂପର୍କରେ ସୂଚନା ପାଇ ପୁକାଲି ଗ୍ରାମରୁ ପ୍ରଥମ ସ୍ତ୍ରୀଙ୍କ ପୁଅ ଓ ସମ୍ପର୍କୀୟ ଆସି ମୃତଦେହକୁ ପୁକାଲି ନେଇ ଯାଇଥିବା ଜଣାପଡିଛି। କୋରାପୁଟ ରେଳବାଇ ପୋଲିସକୁ ଘଟଣା ସମ୍ପର୍କରେ କୌଣସି ସୂଚନା ମିଳି ନ ଥିବା ଓଆଇସି ବିନୟ ଭୋଇ କହିଛନ୍ତି।

### ପଟ୍ଟା ଦାବି ନେଇ ଗ୍ରାମବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ



ଜୟପୁର, ୨୨ା୫ (ନି.ପ୍ର.)-ପଟ୍ଟା ଦେବାକୁ ଦାବିକରି ସୋମବାର କୁନ୍ଦୁରା ବ୍ଲକ ପଖନାଗୁଡା ପଞ୍ଚାୟତ ଅନ୍ତର୍ଗତ ଘାଡଙ୍ଗାଗୁଡା ଗ୍ରାମବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଗ୍ରାମର ପଦ୍ମନ ଗୌଡ, ଦୈତାରି ଗୌଡ,ଡମ୍ବୁ ଗୌଡ, ତ୍ରିନାଥ ହନ୍ତାଳ କହିଛନ୍ତି, ସେମାନେ ପୂର୍ବ ପୁରୁଷରୁ ସରକାରୀ ସ୍ଥାନ ଦଖଲ କରି ଚାଷ କରି ପରିବାର ଚଳାଇ ଆସୁଛନ୍ତି। ଜମିର ରାଜସ୍ୱ ପାଉଣା ମଧ ପ୍ରତି ବର୍ଷ ସରକାରୀ କାର୍ଯ୍ୟାଳୟରେ ଦେଉଛନ୍ତି। ବାଗଦେରି ମୌଜାରେ ଥିବା ଜମି ଭୂବୋନ୍ଦବସ୍ତ ସମୟରେ ପଟ୍ଟା ପ୍ରଦାନ କରାଯିବ ବୋଲି କହି ଜମିଗୁଡିକୁ ମାପ ଚୁପ କରାଯାଇଥିଲା। ନିକଟରେ କିଛି ଲୋକଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ଏହି ସମୟରେ ଅନ୍ୟ ମାନଙ୍କୁ ପଟ୍ଟା ପରେ ମିଳିବ ବୋଲି ଅଧିକାରୀମାନେ ଆମକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ରଏ ଯାଏ ଆମକୁ ପଟ୍ଟା ମିଳିନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ନେଇ ପଟ୍ଟା ଦେବାକୁ ଦାବି ହୋଇଛି।

### ଆର୍ଥିକ ସହାୟତା ଦେଲା ପ୍ରଶାସନ

ଭ୍ୟାନ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ ଘଟଣା

ଜୟପୁର, ୨୨ା୫ (ନି.ପ୍ର.)- ଏକ ପିକ୍ଅପ୍ ଭ୍ୟାନ ଧକ୍କାରେ କଟିଆକନାଡି ଗ୍ରାମର ମୁକ୍ତା ମୁକ୍କା (୬୮)ଙ୍କ ଗତ ଶନିବାର ମୃତ୍ୟୁ ହୋଇଥିଲା। ସୋମବାର ରେଡକ୍ରସ୍ ଫାଣ୍ଠିରୁ ତାଙ୍କ ପରିବାରକୁ ୧୦ ହଜାର ଟଙ୍କା ସହାୟତା ତହିଲଦାର ସାଗରିକା ଷଡଙ୍ଗୀ ଗ୍ରାମକୁ ଯାଇ ମୁକ୍ତାଙ୍କ ପରିବାରକୁ ସରପଞ୍ଚ ଦିପ୍ତି ହିକକା ଓ ସୁପରଭାଇଜର ହରିହର ଶତପଥୀଙ୍କ ଉପସ୍ଥିତିରେ ଏହି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ମାଣ୍ଡିଆ ହେରଫେର କରି ଭାରପ୍ରାପ୍ତ କ୍ଷେତ୍ର ଅଧିକାରୀ ଗିରଫ

ମାଲକାନଗିରି,୨୨ା୫(ଡି.ଏନ୍.ଏ.)-

ରାଜ୍ୟ ସରକାର ଆଦିବାସୀମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଆଦିବାସୀମାନେ ନିଜ ଅଞ୍ଚଳର ଜଙ୍ଗଲଜାତ ଏବଂ କୃଷିଜାତ ଦ୍ରବ୍ୟକୁ କିପରି ସୁଲଭ ମୂଲ୍ୟରେ ବିକ୍ରିକରି ସ୍ୱାବଲମ୍ବୀ ହୋଇପାରିବେ ସେନେଇ ଆଦିବାସୀ ଉନ୍ନୟନ ସମବାୟ ନିଗମ ଓଡ଼ିଶା ଲିମିଟେଡ୍ (ଟିଡିସିସି) ଗଠନ ହୋଇଛି। ଏହି ସଂସ୍ଥା ଜିଲାର ବିଭିନ୍ନ ଅଞ୍ଚଳରେ ମିଳୁଥିବା ଲଘୁ ବନଜାତ ଦ୍ରବ୍ୟ ଏବଂ ଜଙ୍ଗଲ ଜମିରେ ଚାଷ ହେଉଥିବା ଖାଦ୍ୟଶସ୍ୟ ଚାଷୀଙ୍କ ନିକଟରୁ କ୍ରୟ କରିଥାଏ। ମାଲକାନଗିରି ଜିଲାରେ ପ୍ରଚୁର ମାଣ୍ଡିଆ ଚାଷ ହେଉଥିବାରୁ ଏହି ସଂସ୍ଥାକୁ ଚାଷୀଙ୍କଠାରୁ ମାଣ୍ଡିଆ ଖରିଦ ପାଇଁ ଅନୁମତି ମିଳିଥିଲା। ଏବେ ଏହି ମାଣ୍ଡିଆକୁ ବାଟମାରଣା କରି ଟିଡିସିସିର ଜଣେ ଭାରପ୍ରାପ୍ତ କ୍ଷେତ୍ର ଅଧିକାରୀ ଗିରଫ ହୋଇଛନ୍ତି। ତାଙ୍କ ନାମ ଉପେନ୍ଦ୍ରନାଥ ବେହେରା। ସେ ୩୦ ଲକ୍ଷ ଟଙ୍କାର ମାଣ୍ଡିଆ ହେରଫେର କରିଥିବା ନେଇ ଟିଡିସିସି ପରିଚାଳକ ବ୍ରହ୍ମାନନ୍ଦ ମାଝୀ ମାଥିଲି ଥାନାରେ ଅଭିଯୋଗ କରିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ ପରେ ଜାମିନ ନାମଞ୍ଜୁର ହେବାରୁ ବେହେରାଙ୍କୁ ବିଚାର ବିଭାଗୀୟ ଅଦାଲତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଭାରପ୍ରାପ୍ତ କ୍ଷେତ୍ର ଅଧିକାରୀ ବେହେରା ୨୦୨୧ରେ ମାଥିଲି ଟିଡିସିସିରେ ଯୋଗ ଦେଇଥିଲେ। ସେ ସମୟରେ ମାଥିଲି ନିୟନ୍ତ୍ରିତ ବଜାର କମିଟି ଗୋଦାମରେ ୨୦୧୯ ମସିହାର ୧୭ କୁଇଣ୍ଟାଲ ୩୧ କେଜି ମାଣ୍ଡିଆ ଗଚ୍ଛିତ ଥିଲା। ବେହେରା ଦାୟିତ୍ୱ ଗ୍ରହଣ ପରେ ୨୦୨୧ରେ ୬୭୨୦ କୁଇଣ୍ଟାଲ ୬୯ କେଜି ମାଣ୍ଡିଆ ଚାଷୀଙ୍କଠାରୁ କ୍ରୟ କରି ଗୋଦାମରେ ରଖାଯାଇଥିଲା। ସବୁମିଶି ମୋଟ ୬୭୩୮ କୁଇଣ୍ଟାଲ ମାଣ୍ଡିଆ ଗୋଦାମରେ ଗଚ୍ଛିତ ରହିଥିଲା। ଏହି ମାଣ୍ଡିଆକୁ ମାଲାକାନଗିରି ଯୋଗାଣ ବିଭାଗକୁ ହସ୍ତାନ୍ତର କରିବାକୁ ଯୋଗାଣ ବିଭାଗ ଅଧିକାରୀ ବେହେରାଙ୍କୁ ଚିଠି ଲେଖିଥିଲେ। ମାତ୍ର ସେ ଏହି ଚିଠିକୁ ଗୁରୁତ୍ୱ ଦେଇ ନ ଥିଲେ। ପରେ ତାଙ୍କୁ ମାଣ୍ଡିଆ ଦେବାକୁ ଯୋଗାଣ ବିଭାଗ ୩ଟି ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲା। ଶେଷରେ କ୍ଷେତ୍ର ଅଧିକାରୀ ବେହେରା ୪୬ଟି ରସିଦରେ ସମସ୍ତ ମାଣ୍ଡିଆ ଯୋଗାଣ ବିଭାଗକୁ ଦେଇଥିଲେ। ତେବେ ଏଥିମଧ୍ୟରୁ ୪ଟି ରସିଦରେ ୬୩୯ କୁଇଣ୍ଟାଲ ୭୧ କେଜି ମାଣ୍ଡିଆର ପ୍ରାପ୍ତିପତ୍ର ନ ଥିବା ଅଡିଟ୍ ସମୟରେ ଜଣାପଡିଥିଲା। ଏହାର ମୂଲ୍ୟ ୩୦ ଲକ୍ଷ ୬୨ ହଜାର ୫୭୦ ଟଙ୍କା। ଏ ସମ୍ପର୍କରେ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଯୋଗାଣ ବିଭାଗର କ୍ଷମତାପ୍ରାପ୍ତ ଠିକାଦାର ବିଜୟ ପଣ୍ଡାଙ୍କୁ ସେ ୬୩୯.୭୧ କୁଇଣ୍ଟାଲ ମାଣ୍ଡିଆ ହସ୍ତାନ୍ତର କରିଛନ୍ତି। ଏ ସମ୍ପର୍କରେ ଠିକାଦାର ପଣ୍ଡାଙ୍କୁ ପଚାରିବାରୁ ସେ ଏହାକୁ ଅସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ବେହେରାଙ୍କ ଆଇନଜୀବୀ ରାମ ପ୍ରସାଦ ପଟ୍ଟନାୟକ କହିଛନ୍ତି, ଏହି ମାମଲାରେ ବେହେରାଙ୍କୁ ଚକ୍ରାନ୍ତ କରି ଫସାଇ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିଲା ପରେ ଏହାର ସତ୍ୟତା ପରେ ଜଣାପଡ଼ିବ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଏବିଡିଓ।

ଜୟପୁର, ୨୨ା୫ (ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲିଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଏବିଡିଓ ମନୋଜ ନାୟକ, ବ୍ଲକ ସାମିଜିକ ସୁରକ୍ଷା ଅଧିକାରୀ କେଏସ ନିଶା, ପିଇଓ ଅନିଲ ସରନ, ଏଟିଓ ମାନସ ରଞ୍ଜନ କର, ସରପଞ୍ଚ, ସମିତିସଭ୍ୟା, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆର୍ଏସ୍, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଆଇସିଡିଏସ୍ ହର୍ଟିକଲଚର, କୃଷି ବିଭାଗ ସହ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କଠାରୁ ଆସିଥିବା ଅଭିଯୋଗଗୁଡିକର ଶୁଣାଣି କରିଥିଲେ।

# ରାସ୍ତା ପାର୍ଶ୍ୱରେ ବେନିୟମ କଂକ୍ରିଟ ପିଲର ନିର୍ମାଣକୁ ବିରୋଧ

ଖଇରପୁଟ/ଗୋବିନ୍ଦପାଲି, ୨୨ା୫(ଡିଏନ.ଏ.

**ନ ହଟେଇଲେ ବିଭିନ୍ନ ସମୟରେ ଘଟିବ ଦୁର୍ଘଟଣା**

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ଗୋବିନ୍ଦପାଲିଠାରୁ ବଦଡୁରାଲକୁ ଚଳିତ ବର୍ଷ ପୂର୍ତ୍ତ ବିଭାଗଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଦୁଇ ଲାଇନ ବିଶିଷ୍ଟ ପିଚୁରାସ୍ତା ନିର୍ମିତ ହୋଇଛି। ଏହି ରାସ୍ତା ମାଲକାନଗିରି ଜିଲା ସମେତ କୋରାପୁଟ ଜିଲାର ମାଛକୁଣ୍ଡ, ଲମତାପୁଟ, ଆନ୍ଧ୍ର ପ୍ରଦେଶର ଅନେକ ଗ୍ରାମକୁ ସଂଯୋଗ କରୁଛି। ମାତ୍ର ଏହି ରାସ୍ତାକୁ ଲାଗି ବେସରକାରୀ କମ୍ପାନୀ ଦ୍ୱାରା କଂକ୍ରିଟ ପିଲର ନିର୍ମାଣ ହେଉଛି। ଏଥିଯୋଗୁ ସେଠାରେ ଲୁହା ପୋଲ ପୋତାଯାଉଥିବା ଦେଖିବାକୁ ମିଳୁଛି। ଉକ୍ତ କାର୍ଯ୍ୟ ପିଚୁ ରାସ୍ତାକୁ ଲାଗିକରି କରାଯାଉଥିବାରୁ ଅନେକ ସମୟରେ ଦୁର୍ଘଟଣା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଏହି ରାସ୍ତା ପାର୍ଶ୍ୱ ଅଞ୍ଚଳରେ ଏଭଳି କଂକ୍ରିଟ ପିଲର ନିର୍ମାଣ ନେଇ ବିଭାଗୀୟ ଅଧିକାରୀ ବିରୋଧ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ଶୀଘ୍ର ବନ୍ଦ କରି ବେଆଇନ ଭାବେ ରାସ୍ତାକୁ ଲାଗି କରାଯାଇଥିବା କଂକ୍ରିଟକୁ ହଟାଇବାକୁ ଦାବି ହେଉଛି। ଏ ନେଇ ବିଭାଗୀୟ ଏସ୍ଡିଓଙ୍କୁ ପଚାରିବାରୁ ସେ କହିଲେ, ରାସ୍ତା ଉପରେ ଏପରି ବେନିୟମ ଭାବେ କରାଯାଇଥିବା କଂକ୍ରିଟକୁ ଖୁବ୍ଶୀଘ୍ର ବିଭାଗ ପକ୍ଷରୁ ହଟାଯିବ।



ରାସ୍ତାକୁ ଲାଗି ନିର୍ମାଣ ହୋଇଥିବା ପିଲର।

# ମୋ ବିହନ, ମୋ ବଗିଚା ଯୋଜନା ଶୀଘ୍ର ଆରମ୍ଭ ଦାବି

କୋରାପୁଟ,୨୨ା୫(ସ୍ୱ.ପ୍ର.)-

କୋରାପୁଟ ଜିଲାରେ ଅଧିକାଂଶ ଶିଶୁ , ଛାତ୍ରୀଛାତ୍ର ଓ ମହିଳାମାନେ ଅପପୁଷ୍ଟି ଶିକାର ହେଉଥିବା ଦେଖିବାକୁ ମିଳିଛି। ଏହାକୁ ଦୂର କରିବାକୁ ରାଜ୍ୟ ସରକାର ମୋ ବିହନ ଓ ମୋ ବଗିଚା ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ଏଯାଏ ଜିଲାରେ ଆରମ୍ଭ ହୋଇନାହିଁ। ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଜିଲା ଲୋକ ବିକାଶ ମଞ୍ଚ ସୋମବାର ଦାବି କରିଛି। ସ୍ଥାନୀୟ ପ୍ରେସ୍ କ୍ଲବ ପରିସରରେ ସୋମବାର ସନ୍ଧ୍ୟାରେ ମଞ୍ଚର ଟିମ୍ ଲିଡର ବିଧୁଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀରେ ଏହା ଦାବି କରାଯାଇଛି। ଯୋଜନାରେ ଅନୁସୂଚିତ ଜାତି, ଜନଜାତି ଦୁର୍ଗମ ଅଞ୍ଚଳ, ପଞ୍ଚାୟତ, ବ୍ଲକ ଆଦିରେ ଯୋଜନା କାର୍ଯ୍ୟକାରୀ କରାଯିବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛି। ଏଥିସହ ଉକ୍ତ ଯୋଜନାରେ ମୋ ବଗିଚା ପାଇଁ ଆସନ୍ତା ଜୁନ ମାସ ଶେଷ ସୁଧା ସମସ୍ତ ପରିବାରକୁ ପୁଷ୍ଟିକର ପନିପରିବା ପାଇଁ ବିହନ ଯୋଗାଇ ଦେବା, ସମସ୍ତ ବିହନ କିଟ୍ରେ ବିହନର ପରିମାଣ ବୃଦ୍ଧି କରିବା, ଶୀତ କାଳିନ ବିହନକୁ ଅଲଗା ଅଲଗା ପ୍ୟାକେଟରେ ପ୍ରଦାନ କରିବା ଲାଗି ମଞ୍ଚ କର୍ମକର୍ତ୍ତା ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଲୋକ ବିକାଶ ମଞ୍ଚ ଓ ମହିଳା ବିକାଶ ମଞ୍ଚର ସଦସ୍ୟ କୃଷ୍ଣ ଖିଲ, ଅର୍ଜୁନ ଶୁକ୍ରି, ସାବିତ୍ରୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ



କାଲିମେଲା,୨୨ା୫(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ଥାନା ପୋଲିସ ଏଙ୍ଗୁରାଇ ଗ୍ରାମରେ ଚଢାଉ କରି ୨୦ଟି ବସ୍ତାରେ ଥିବା ୫କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏହି ଥାନା ଅନ୍ତର୍ଗତ ପପୁଲୁର ପଞ୍ଚାୟତର ଏଙ୍ଗୁରାଇ ଗ୍ରାମର ଦେବେନ୍ଦ୍ର ଖିଲଙ୍କ ଘରେ ଗଞ୍ଜେଇ ଥିବା ସୂଚନା ପାଇ ଆଇଆଇସି ସୂର୍ଯ୍ୟ ପ୍ରକାଶ ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ ଦେବେନ୍ଦ୍ରଙ୍କ ଘର ଉପରେ ଚଢାଉ କରିଥିଲା। ଏହି ସମୟରେ ଗଞ୍ଜେଇ ଜବତ କରାଯାଇ ଏହାକୁ ଓଜନ କରିବାରୁ ଏହା ୫୦୨ କେଜି ହୋଇଥିଲା। ତେବେ ପୋଲିସ ଚଢାଉ ସମ୍ପର୍କରେ ଆଗୁଆ ସୂଚନା ପାଇ ଦେବେନ୍ଦ୍ର ଖସି ଫେରାର ହୋଇଯାଇଛନ୍ତି। ଉକ୍ତ ଗଞ୍ଜେଇ ଆନ୍ଧ୍ରପ୍ରଦେଶ ଅଞ୍ଚଳକୁ ଚାଲାଣ ପାଇଁ ରଖାଯାଇଥିବା ପୋଲିସ ଅନୁମାନ କରୁଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ନାୟକ କହିଛନ୍ତି।

# ଭୂମିଆ ସମାଜ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ମାଲକାନଗିରି,୨୨ା୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ମେଣ୍ଟୁକୁଲି ଗ୍ରାମରେ ଜିଲା ଭୂମିଆ ସମାଜ ଭବନ ପରିସରରେ ସୋମବାର ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆଦିବାସୀ ନେତା ଶରତ ଚନ୍ଦ୍ର ବୁରୁଦା, କୋରାପଟ ଜିଲା ବୈପାରିଗୁଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର କାନ୍ଦୁଲିଆ, ପୂର୍ବତନ ଅଧ୍ୟକ୍ଷ ସରୋଜିନୀ କାଣ୍ଡିକି, ମାଥିଲି ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ତଥା ଦଳପତିଗୁଡା ସରପଞ୍ଚ ରୁକ୍ମଣୀ ପୂଜାରୀ ଉପସ୍ଥିତ ଥିଲେ। ଭୂମିଆ ସମାଜ ରାଜ୍ୟ ସଭାପତି ହଳଧର ପୂଜାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମାଲକାନଗିରି, କୋରାପୁଟ ଜିଲାର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଭୂମିଆ ସମ୍ପ୍ରଦାୟର ମହିଳାପୁରୁଷ ଯୋଗ ଦେଇଥିଲେ। ନିଜ ସମାଜର ରୀତି ନୀତି ବଜାୟ ରଖିବା, ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରି ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା, ସମସ୍ତଙ୍କ ଦୁଃଖସୁଖରେ ସମସ୍ତେ ଭାଗିଦାର ହେବା, ଭୂମିଆ ସମାଜର ବିଭିନ୍ନ ଦାବି ଯେପରି ହାସଲ ହେବ ସେନେଇ ସମସ୍ତେ ଏକଜୁଟ ହୋଇ ରହିବାକୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ।



ଉନ୍ମୋଚିତ ହୋଇଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମର୍ତ୍ତି।

### ଡିଏଲ୍ଏସ୍ ପକ୍ଷରୁ ଶୋଭାଯାତ୍ରା

ଜୟପୁର,୨୨ା୫(ଡି.ଏନ.ଏ.)-

ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଜିଲା ଦୌରା ଜଜ ତଥା ଜିଲା ପ୍ରାଧିକରଣ (ଡିଏଲ୍ଏସ୍) ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଭିନ୍ନକ୍ଷମ ଚିହ୍ନଟ ଅଭିଯାନ ସୋମବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୨୯ ପର୍ଯ୍ୟନ୍ତ ଚାଲିବ। ଆଇନ ସଚେତନତା ଲାଗି ଏକ ଶୋଭାଯାତ୍ରା କରାଯାଇ ଥିଲା। ଏହାକୁ ପ୍ରାଧିକରଣ ଅଧ୍ୟକ୍ଷ ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ଓ ଦୌରା ଜଜ ସତ୍ୟ ନାରାୟଣ ମିଶ୍ର, ପ୍ରାଧିକରଣ ସଚିବ ସୁମନ ଜେନା, ଜିଲା ଓକିଲ ସଂଘ ସଭାପତି ବୀରେଶ ପଟ୍ଟନାୟକଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। ସେହିପରି ପ୍ରାଧିକରଣ ସଚିବ ସୁମନ ଜେନା କୋରାପୁଟର ସୋସାଇଟି ଅଫ୍ ମିସ୍ନାରୀ ଚାରିଟିରେ ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ଅନୁଷ୍ଠାନରେ ଅନ୍ତେବାସୀଙ୍କ ସୁରକ୍ଷା ଓ ଯତ୍ନ ସମ୍ପର୍କରେ ତଦାରଖ କରିଥିଲେ। ଅନାଥ ଶିଶୁମାନଙ୍କ ପାନୀୟ ଜଳ, ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ, ପରିବେଶ ସମ୍ପର୍କରେ କର୍ମକର୍ତ୍ତାଙ୍କୁ ପଚାରି ବୁଝିଥିଲେ।

# ଶାବର ଶ୍ରୀକ୍ଷେତ୍ରରେ ଜାରି ରହିଛି ୩ ରଥର ନିର୍ମାଣ କାର୍ଯ୍ୟ



କୋରାପୁଟ,୨୨ା୫(ସ୍ୱ.ପ୍ର.)

କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଇଁ ବର୍ତ୍ତମାନ ୩ ରଥର ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି। କୋରାପୁଟସ୍ଥିତ ଜିଲା ସମାଜିକ କଲ୍ୟାଣ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟ ମହାରଣା କୁନା ମହାରଣାଙ୍କ ତତ୍ତ୍ୱାବଧାନରେ ଏହି ରଥ ନିର୍ମାଣ ଜୋରସୋରରେ ଚାଲିଛି। ଗତ ଅକ୍ଷୟ ତୃତୀୟାରେ ଏହି ୩ ରଥ ନିମନ୍ତେ ରଥକାଠ ପୂଜା କରାଯାଇଥିଲା। ଗତ ୧୭ ତାରିଖରେ ମନ୍ଦିର ପରିଚାଳନା କମିଟି ସଂପାଦକ ଡ. ଜଗବନ୍ଧୁ ସମାଲଙ୍କ ଉପସ୍ଥିତିରେ ମନ୍ଦିରର ପୂଜକ ନରି ଶତପଥୀ ହୋମ ଓ ପୂଜାର୍ଚ୍ଚନା ପରେ ରଥ ନିର୍ମାଣ ଆରମ୍ଭ ହୋଇଥିଲା। ମାତ୍ର ୬ ଦିନରେ ଦୁଇଟି ରଥ ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ନିର୍ମାଣ ପାଇଁ ଥିବା କାଠ କାର୍ଯ୍ୟ ଶେଷ ହୋଇଥିବାବେଳେ ମହାପ୍ରଭୁ ଜଗନ୍ନାଥଙ୍କ ରଥର ପ୍ରାୟ ୫୦ ପ୍ରତିଶତ କାଠ କାର୍ଯ୍ୟ ଶେଷ ହୋଇଛି। ଜୁନ୍ ୨୦ରେ ରଥଯାତ୍ରା ହେବ।

# ମା'ଙ୍କ ସହ ବଚସାରୁ ଝିଅର ଆତ୍ମହତ୍ୟା

ମାଲକାନଗିରି/ପଡିଆ/ପୋଟେରୁ, ୨୨ା୫(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲମେଲା ଥାନା ଏମ୍ପିଭି- ୧୭ ଗ୍ରାମରେ ଜଣେ ଯୁବତୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ଚପଳା ବିଶ୍ୱାସ (୨୧)। ଗ୍ରାମର ପରିତୋଷ ବିଶ୍ୱାସ ସୁକ୍ମା ଜିଲା ସଦର ମହକୁମାରେ ପରିବା ବ୍ୟବସାୟ କରୁଥିବା ବେଳେ ତାଙ୍କ ପରିବାର ସ୍ତ୍ରୀ, ତିନିଝିଅ, ଗୋଟିଏ ପୁଅ ଗ୍ରାମରେ ରହୁଥିଲେ। ସୋମବାର ସକାଳେ ଚପଳାଙ୍କ ତାଙ୍କ ମା'ଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ପରେ ମା' ଘରୁ କିଛି କାମରେ ବାହାରକୁ ଚାଲି ଯାଇଥିଲେ। କିଛି ସମୟ ପରେ ଚପଳା ଘରେ ଥିବା ଭଉଣୀଭାଇଙ୍କୁ ମାଙ୍କୁ ଡାକି ଆଣିବାକୁ ପଠାଇଥିଲେ। ସେମାନେ ଚାଲିଯିବା ପରେ ଚପଳା ବେକରେ ରଶି ବାନ୍ଧି ଝୁଲି ପଡିଥିଲେ। ମା ଘରକୁ ଫେରି ଚପଳା ଘର ଭିତରେ ଆତ୍ମହତ୍ୟା କରିଦେଇଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ ଡାକ୍ତର ଚପଳାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସୂଚନା ପାଇ କାଲିମେଲା ପୋଲିସ ପହଞ୍ଚି ମୃତଦେହ ଜବତ କର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବ୍ରହ୍ମପୁର ଇପିଏଫ୍ ଅଫିସ୍ ସମ୍ମୁଖରେ ଧାରଣା ଦେବେ ଅବସରପ୍ରାପ୍ତ ଶ୍ରମିକ

ଜୟପୁର,୨୨ା୫(ଡି.ଏନ.ଏ.)

ଜୟପୁରସ୍ଥିତ ଯାଦବ ଭବନଠାରେ ସେବା କାଗଜ କଳ ଶ୍ରମିକଙ୍କ ସମସ୍ୟା ନେଇ ସୋମବାର ଏକ ବୈଠକ କେଦାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ଆଞ୍ଚଳିକ ଇପିଏଫ୍ ଅଫିସ୍ ଯାଇ ଫେରିଥିବା ଶ୍ରମିକ ନେତା ବସନ୍ତ ବେହେରା କହିଥିଲେ, କେସିଟି ଟ୍ରଷ୍ଟ ଶ୍ରମିକମାନଙ୍କ ଇପିଏଫ୍ ଜମା ଟଙ୍କା ସିକ୍ୟୁରିଟି ବଣ୍ଡ ଆର୍ଟିଜିଏସ୍ ମାଧ୍ୟମରେ ପୈଠ କରିବାକୁ ଆଞ୍ଚଳିକ ଇପିଏଫ୍ ଅଫିସ୍କୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର ଇପିଏଫ୍ ଅଧିକାରୀ କେବଳ ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ବ୍ୟାଙ୍କ ଚେକ୍ ଆକାରରେ ଦାଖଲ ହେଲେ ଏହା ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହି ସମସ୍ୟା ମାର୍ଚ୍ଚ ଶେଷ ସୁଦ୍ଧା ସମାଧାନ ହୋଇଯିବ ବୋଲି ପୂର୍ବରୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ତେବେ ମାର୍ଚ୍ଚରେ ଥାପର ଗ୍ରୁପର କେସିଟି ଟ୍ରଷ୍ଟ ଇପିଏଫ୍ ଆଞ୍ଚଳିକ କାର୍ଯ୍ୟାଳୟକୁ ଏକ ଚିଠି ଦେଇଛି। ଏହା ସତ୍ତ୍ୱେ ସେମାନେ ଅବହେଳା କରୁଥିବାରୁ ଆବଶ୍ୟକ ହେଲେ ସଂଘ ଓ ଅବସରପ୍ରାପ୍ତ ଶ୍ରମିକମାନେ ବ୍ରହ୍ମପୁର ଆଞ୍ଚଳିକ ଇପିଏଫ୍ ଅଫିସ୍ ଘେରାଉ କରି କେନ୍ଦ୍ର ଇପିଏଫ୍ କମିଶନରଙ୍କୁ ଜଣେଇବେ ବୋଲି ବୈଠକରେ ନିଷ୍ପତ୍ତି ନେଇଛନ୍ତି। ତେବେ ଇତି ମଧ୍ୟରେ କାଗଜକଳ ମ୍ୟାନେଜମେଣ୍ଟ ଅଧିକାରୀ ବ୍ରହ୍ମପୁର ଆଞ୍ଚଳିକ ଅଫିସ୍କୁ ଯାଇ ଡ୍ରାଫ୍ଟ ଜରିଆରେ ଏହା ପୈଠ କରିବାକୁ ସମ୍ମତି ଜଣାଇଥିବା କୁହାଯାଉଛି। ସୂଚନାଯୋଗ୍ୟ,୨୦୨୦ରୁ ଏହି କାରଖାନା ଚଳାଇବାକୁ ନୂଆ କମ୍ପାନୀ ହାତକୁ ନେଇଛି। ଏପର୍ଯ୍ୟନ୍ତ ଅବସରପ୍ରାପ୍ତ ଶ୍ରମିକମାନଙ୍କ ଗ୍ରାଚ୍ୟୁଇଟି ବାବଦ ପ୍ରାପ୍ୟ ଦେଇନାହିଁ। କାଗଜ କଳ ଉତ୍ପାଦନ ବଢିଛି। ମାର୍ଚ୍ଚରେ ୨୧ କୋଟି, ଏପ୍ରିଲ୍ରେ ୨୩ କୋଟି କାଗଜ ବିକ୍ରି ହୋଇଛି। ମେ'ରେ ଏହା ପ୍ରାୟ ୨୫ କୋଟି ଟପିବ ବୋଲି ଆକଳନ କରାଯାଇଛି। ଏହା ସତ୍ତ୍ୱେ ମ୍ୟାନେଜମେଣ୍ଟ କର୍ମଚାରୀଙ୍କୁ ଦୁଇ ମାସ ହେଲା ଦରମା ଦେଇନାହିଁ। କଣ୍ଟ୍ରାକ୍ଟର ଲେବର ସିକ୍ୟୁରିଟି ଗାର୍ଡମାନେ ୪ମାସ ହେଲା ଦରମା ପାଇନାହାଁନ୍ତି। ଆନ୍ଦୋଳନ କଲେ କାରଖାନା ବନ୍ଦ କରିଦେବାକୁ କମ୍ପାନୀ କର୍ତ୍ତୃପକ୍ଷ ଧମକ ଦେଉଛନ୍ତି। ଜୁନ୍ ୧୫ ସୁଦ୍ଧା ଯଦି ସମସ୍ୟାର ସମାଧାନ ନ ହୁଏ ତେବେ ଜୁନ୍ ୧୯ରୁ କାରଖାନା ମୁଖ୍ୟ ଫାଟକ ପାର୍ଶ୍ୱରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶ୍ରମିକମାନେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିବେ। ବୈଠକରେ ରବିନ୍ଦ୍ର ତ୍ରିପାଠୀ, ସହଦେବ ନାଏକ, ସୁଦର୍ଶନ ବିଷୋୟୀ,ଧ୍ରୁବ ଚରଣ ବାରିକଙ୍କ ସହ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନ ଆରମ୍ଭ କଲେ ଅମଲା

କୋରାପୁଟ/ଜୟପୁର, ୨୨ା୫(ସ୍ୱ.ପ୍ର./ନିପ୍ର.)

ଦୀର୍ଘ ଦିନର ଅମଲାମାନଙ୍କ ଏକ ମାତ୍ର ଦାବି କନିଷ୍ଠ ସହାୟକମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/ ଗ୍ରେଡ ପେ ଦାବି ପୂରଣ ପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେଉ ନ ଥିବାରୁ ସୋମବାରଠାରୁ ଜିଲାର ସମସ୍ତ ଅମଲାମାନେ କଳାବ୍ୟାଜ ପରିଧାନ କରି ଆନ୍ଦୋଳନ ଆରମ୍ଭ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲାର ୩୩ଟି ବିଭାଗର ଅମଲାମାନେ ଏକାଠି ହୋଇ ଆନ୍ଦୋଳନରେ ସାମିଲ ହୋଇଥିବା ଜିଲା ଅମଲା ସଂଘ ସମ୍ପାଦକ ନିତ୍ୟାନନ୍ଦ ଭତ୍ରା କହିଛନ୍ତି। ଆନ୍ଦୋଳନ ଯୋଗୁ ସାଧାରଣଙ୍କ ଲୋକଙ୍କ ଯେଉଁ ସମସ୍ୟା ହେବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସେ କହିଛନ୍ତି। ଏହି କଳାବ୍ୟାଜ ପରିଧାନ ଆନ୍ଦୋଳନ ଆସନ୍ତା ୩୧ ଯାଏ ଚାଲିବ। ଏହା ପରେ ସରକାର ଦାବି ପୂରଣ ନ କଲେ ଜୁନ ୧ରୁ ଅମଲାମାନେ ସମୂହ ଛୁଟିରେ ରହିବେ ବୋଲି ଜିଲା ଶାଖା ସଭାପତି ଶଶୀଭୂଷଣ ଦାଶ କହିଛନ୍ତି।

ଜୟପୁରରେ ମଧ ସମସ୍ତ ଅମଲା ସୋମବାରଠାରୁ ଆସନ୍ତା ୩୧ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେମାନେ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। ସରକାରଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ ଅମଲାମାନଙ୍କ ଗୋଟିଏ ମାତ୍ର ଦାବି ପୂରଣ ନ ହେବାରୁ ମିଳିତ ଅମଲା ମଞ୍ଚ କୋରାପୁଟ ଜିଲା ଶାଖା ପକ୍ଷରୁ ଏକ ବୈଠକ କରାଯାଇ ଆସନ୍ତା ୩୧ ସୁଦ୍ଧା ଦାବି ପୂରଣ ନ ହେଲେ ଜୁନ ୧ରୁ ସମସ୍ତ ଅମଲା ସମୂହ ଛୁଟିରେ ରହିବା ନେଇ ସ୍ଥିର ହୋଇଛି।




କୋରାପୁଟରେ ଅମଲାମାନେ ବିକ୍ଷୋଭ ଆନ୍ଦୋଳନ କରୁଛନ୍ତି।

## ସଂକ୍ଷେପରେ

### 'ପ୍ରକୃତିକୁ ସୁରକ୍ଷା ଦେବା ଆମ କର୍ତ୍ତବ୍ୟ ହେବା ଜରୁରୀ'

ଡାବୁଗାଁ, ୨୨।୫(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ କଲେଜର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଲାଇଫ ଷ୍ଟାଇଲ ଫର୍ ଏନଭାରମେଣ୍ଟ କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଶଙ୍କର ପ୍ରସାଦ ଗନ୍ତାୟତ କାର୍ଯ୍ୟକ୍ରମ ଅଧକ୍ଷତା କରିଥିଲେ। ସବୁଜ ଓ ନିର୍ମଳ ପରିବେଶ ଗଠନ କରିବାକୁ ସେ ମତ ଦେଇଥିଲେ। ବଞ୍ଚିବା ପାଇଁ ପ୍ରକୃତିକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ ହେବା ଦରକାର ବୋଲି ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସଂଯୋଜକ ଦେବରପଲ୍ଲୀ କହିଛନ୍ତି। ପରିବେଶକୁ ସୁରକ୍ଷା ଦେବା ସହିତ ଏ ଦିଗରେ ସାଙ୍ଗ ସାଥୀଙ୍କୁ ସଚେତନ କରାଇବାକୁ ଛାତ୍ରୀଛାତ୍ର ଶପଥ ନେଇଛନ୍ତି। କାର୍ଯ୍ୟକ୍ରମରେ ଚାରାରୋପଣ, ଜଙ୍ଗଲ ସୁରକ୍ଷା, ଜଳ ସୁରକ୍ଷା, ପରିବେଶ ସଫା ସୁତୁରା, ପ୍ଲାଷ୍ଟିକ ଓ ପଲଥିନ ମୁକ୍ତ ସହର ଗଠନ, ସୁସ୍ଥ ପରିବେଶ ଉପରେ ଆଲୋଚନା ହୋଇଥିଲା। ଆଗକୁ ଜଳାଶୟ ସଫା ସୁତୁରା ସହ ସାଇକେଲ ରାଲି କରାଯିବ। କାର୍ଯ୍ୟକ୍ରମରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଉଛି। କୃତି ଛାତ୍ରୀଛାତ୍ରଙ୍କୁ ଜୁନ ୫ରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମରେ ଭୈରବ ସ୍ନାତକ ମହାବିଦ୍ୟାଳୟ ଇତିହାସ ଅଧାପକ ଦୟାରାମ ମନୋହର, ଅର୍ଥନୀତି ଅଧାପକ ସନ୍ୟାସୀ ସାହୁ, ଓଡ଼ିଆ ଅଧାପିକା ମନିଷା ସରକାର ଓ ଲାଇବ୍ରେରୀ ବିଭାଗର ପଞ୍ଚାନନ ପୂଜାରୀ, ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳାରେ ସହଯୋଗ କରିଥିଲେ। ପ୍ରକାଶ ଯେ, ଏହି କାର୍ଯ୍ୟକ୍ରମ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଆଇନଜୀବୀଙ୍କ ପରଲୋକ

ଉମରକୋଟ, ୨୨।୫(ସ୍ୱ.ପ୍ର.) ଉମରକୋଟର ଜଣାଶୁଣା ଆଇନଜୀବୀ ନିରଞ୍ଜନ ମଣ୍ଡଳଙ୍କ ୫୪ ବର୍ଷ ବୟସରେ ପରଲୋକ ଘଟିଛି। ନିରଞ୍ଜନ ଏକୁଟିଆ ଗୋଟିଗୁଡ଼ାରେ ଏକ ଭଡ଼ା ଘରେ ରହୁଥିଲେ। ରବିବାର ସମସ୍ତ କାମ ସାରି ସେ ରାତିରେ ଘରକୁ ଯାଇ ଶୋଇଥିଲେ। ସୋମବାର ଦିନ ପ୍ରାୟ ୧୨ଟାବେଳେ ଜଣେ ବ୍ୟକ୍ତି କୌଣସି କାମରେ ତାଙ୍କୁ ଭେଟିବାକୁ ଗୋଟିଗୁଡ଼ାସ୍ଥିତ ତାଙ୍କ ଘରକୁ ଯାଇଥିଲେ। ଘରର ମୁଖ୍ୟ



କବାଟ ଆଉଜା ହୋଇ ରହିଥିବା ଏବଂ ନିରଞ୍ଜନ ଅଚେତ ଅବସ୍ଥାରେ ଖଟ ଉପରେ ପଡିଥିବା ଦେଖି ତୁରନ୍ତ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତାଙ୍କ ଝିଅ ଉମରକୋଟ ପହଞ୍ଚିଛନ୍ତି। ସ୍ତ୍ରୀ ଓ ପୁଅ ମଙ୍ଗଳବାର ସକାଳେ ଭୁବନେଶ୍ୱରରୁ ପହଞ୍ଚିବେ ବୋଲି ଜଣାପଡିଛି। ନିରଞ୍ଜନଙ୍କ ମୃତଦେହ ଉମରକୋଟ ଡାକ୍ତରଖାନାରେ ରଖା ଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବ। ଖବର ପାଇ ଉମରକୋଟ ଓକିଲ ସଂଘ ସଭାପତି ପ୍ରଶାନ୍ତ ସାହୁ, ସମ୍ପାଦକ ଶାନ୍ତନୁ ବାହିନୀପତି, ତପନ ଦେବନାଥ, ଶଙ୍କର ଦେ, ମନୋହର ମହାନ୍ତି, କମଳ ବାଛାଡ଼, ପରିମଳ ମଣ୍ଡଳ, ଶ୍ରୀନିବାସ ପଟ୍ଟନାୟକ, ଅଶୋକ ଶିକାରୀ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଥିଲେ।

# ଅରମାବଣ ଭିତରେ ଓପନ ଜିମ୍

- ଖର୍ଚ୍ଚ ହେଲାଣି ୭ ଲକ୍ଷ ୧୦ ହଜାର ଟଙ୍କା
- ଫେଲ୍ ମାରୁଛି ମୁକ୍ତା ଯୋଜନା

ନବରଙ୍ଗପୁର,୨୨।୫(ବି.ପ୍ର.)

ଓପନ ଜିମ୍ ନାଁରେ ବ୍ୟାପକ ଅନୁଦାନ ଖର୍ଚ୍ଚ। ନିମ୍ନମାନର କାମ ଓ ଅରମାବଣ ଭିତରେ ଖଞ୍ଜି ଦିଆଯାଇଛି ଉପକରଣ। ଲକ୍ଷାଧିକ ଟଙ୍କାର ସାମଗ୍ରୀ ଏବେ ଅଲୋଡ଼ା ହୋଇ ପଡ଼ିରହିଛି। ଏଭଳି ଏକ ଦୃଶ୍ୟ ନବରଙ୍ଗପୁର ନୋଡାଲ ଆର୍‌ସିଡି ହାଇସ୍କୁଲ ଖେଳ ପଡ଼ିଆ ଭିତରେ ଦେଖିବାକୁ ମିଳିଛି।

ନବରଙ୍ଗପୁର ପୌରସଂସ୍ଥା ପକ୍ଷରୁ (ମୁକ୍ତା) ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନାରେ ସହରୀ ଉନ୍ନତୀକରଣ କାର୍ଯ୍ୟକ୍ରମ ମାଧମରେ ଶିଶୁମାନଙ୍କ ପାଇଁ ୪ ଓ ବରିଷ୍ଠ ତଥା ଜନସାଧାରଣଙ୍କ ପାଇଁ ୧୦ଟି ସ୍ଥାନରେ ଓପନ ଜିମ୍ କରାଯାଇଛି। ଏନେଇ ରାଜ୍ୟସ୍ତରରୁ କ୍ରୟ କମିଟି ଅନୁଯାୟୀ ବିଭିନ୍ନ ବର୍ଗର ଜିମ୍ ସାମଗ୍ରୀ ନାଗପୁରର ରାଜ ଇକ୍ୟୁମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଇଣ୍ଡିଆ ଯୋଗାଇଛନ୍ତି। ଏ ବାବଦକୁ ୮୨ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟ ବରାଦ ରହିଛି। ଠିକା ସଂସ୍ଥା ୯୦ ପ୍ରତିଶତ ବିଲ୍ ପାଇଯାଇଥିବାବେଳେ ୧୦ ପ୍ରତିଶତ ଟଙ୍କା ପୌରସଂସ୍ଥା ପ୍ରଦାନ କରିନାହାନ୍ତି। ଠିକା ସଂସ୍ଥା ସମସ୍ତ ଜିମ୍ ସାମଗ୍ରୀ ଲଗାଇବା



ନୋଡାଲ ଆର୍‌ସିଡି ହାଇସ୍କୁଲ ଖେଳପଡ଼ିଆରେ ଥିବା ଓପନ ଜିମ୍।

ପାଇଁ ଚୁକ୍ତି ରହିଛି। ତେବେ ଏସ୍‌ଏଚ୍‌ଜିଗୁଡ଼ିକ ଦ୍ୱାରା ଜିମ୍ ଉପକରଣ ତଥା ସାମଗ୍ରୀଗୁଡ଼ିକ ଖଞ୍ଜିଦିଆଯାଇଥିବା ପୌରସଂସ୍ଥାର ଫାଇଲ କହୁଛି। ନବରଙ୍ଗପୁର ନୋଡାଲ ଆର୍‌ସିଡି ହାଇସ୍କୁଲ ଖେଳ ପଡ଼ିଆରେ ୭ ଲକ୍ଷ ୧୦ ହଜାର ୫ ଶହ ଟଙ୍କାରେ ଓପନ ଜିମ୍ ବାବଦକୁ ୧୦ଟି ବର୍ଗର ସାମଗ୍ରୀ ଲଗାଯାଇଛି। ନବରଙ୍ଗପୁର ମିରାଅଟୋ ନିକଟରେ ୨ ଲକ୍ଷ ୨୬ ହଜାର ୫ ଶହ ଟଙ୍କା ବ୍ୟୟରେ ଶିଶୁମାନଙ୍କ ଉଦ୍ଦେଶ୍ୟରେ ଲାଗିବାକୁ ଥିବା ସାମଗ୍ରୀ ସ୍ଥାନର ଅଭାବ ଦେଖାଇ ଆର୍‌ସିଡି ହାଇସ୍କୁଲ ଖେଳ ପଡ଼ିଆରେ ଲଗାଇଦିଆଗଲା। ଅରମାବଣ ଭିତରେ ସେଗୁଡ଼ିକ ଲଗାଯାଇଛି। ମାଁ ଭଣ୍ଡାରଘରଣୀ ଏସ୍‌ଏଚ୍‌ଜି ଜିମ୍ ସାମଗ୍ରୀଗୁଡିକ ଲଗାଇଛନ୍ତି ବୋଲି ପୌରସଂସ୍ଥାର ମୁକ୍ତା ବିଭାଗ ପକ୍ଷରୁ ସୂଚନା ମିଳିଛି। ଲାଗିଥିବା ଜିମ୍ ସାମଗ୍ରୀଗୁଡ଼ିକ ତଳେ ପ୍ଲାଟ୍‌ଫର୍ମ ଏଯାଏ କରାଯାଇନାହିଁ। ତଥାପି ୯୦ ପ୍ରତିଶତ ବିଲ୍ ହୋଇସାରିଲାଣି। ଆର୍‌ସିଡି ହାଇସ୍କୁଲ ପଡ଼ିଆରେ ଏବିବି କ୍ରଞ୍ଚ, ନିହିପ ରେଇଜ, ବେଞ୍ଚ ସହ ଫିକ୍ସ ଡମ୍ବେଲ, ଫିକ୍ସ ୱେଟ୍ ଲିଫ୍ଟ, ସଲଡର ବ୍ୟାୟାମ, ଟୁଇଷ୍ଟର, ୱାକର ପୋଲ ଲେଗ୍ ପ୍ରେସ୍ ଆଦି ଲଗାଯାଇଛି। ଚାରିଆଡ଼େ ଅରମାବଣ ପରିପୂର୍ଣ୍ଣ। ସଫା କରାଯାଇନାହିଁ। ପାଖରେ ଫେବର ବ୍ଲକ ରାସ୍ତା ରହିଥିବାବେଳେ ଅନେକ ସେହି ସ୍ଥାନରେ ମଳତ୍ୟାଗ ମଧ୍ୟ କରୁଛନ୍ତି। ଫଳରେ ତାହା ଏବେ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଅନ୍ୟପକ୍ଷରେ ଜିମ୍‌ର ପ୍ଲାଟ୍‌ଫର୍ମଗୁଡିକ କରାଯିବାକୁ ଆଉ ଏକ ବ୍ୟୟ ଅଟକଳ କରାଯାଉଛି। ଏସ୍‌ଏଚ୍‌ଜିମାନେ ଜିମ୍ ସାମଗ୍ରୀ ଲଗାଇବା ପାଇଁ ଟଙ୍କା ପାଇନାହାନ୍ତି। ଏନେଇ ପୌର ନିର୍ବାହୀ ଅଧିକାର ପ୍ରାଣନାଥ ସେଠଙ୍କୁ ପଚାରିବାରୁ ପ୍ଲାଟ୍‌ଫର୍ମଗୁଡିକ ତିଆରି କରିବା ପାଇଁ ଏଷ୍ଟିମେଟ୍ କରିବାକୁ କୁହାଯାଇଛି। ଯେତେସବୁ ଓପନ ଜିମ୍ ସହରରେ ଲାଗିଛି ତାହାର ତଳେ ପ୍ଲାଟ୍‌ଫର୍ମ କରାଯିବ। ଆର୍‌ସିଡି ହାଇସ୍କୁଲରେ ଜିମ୍ ଚାରିପାଖ ପ୍ଲାଟ୍‌ଫର୍ମ କରାଯିବା ସହ ଅରମାବଣଗୁଡିକ କଟାଯାଇ ସଫା କରାଯିବ ବୋଲି ସେ କହିଛନ୍ତି।

## ୧୧୯ କଇଁଛ ଜବତ, ଜଣେ ଗିରଫ

ଉମରକୋଟ, ୨୨।୫(ସ୍ୱ.ପ୍ର.)



ନବରଙ୍ଗପୁର ଜିଲା ଉମରକୋଟ ବନ ବିଭାଗକୁ ମିଳିଛି ଏକ ବଡ଼ ସଫଳତା। କଳାହାଣ୍ଡି ଜିଲାରୁ ନବରଙ୍ଗପୁର ଜିଲାର ରାଇଘରସ୍ଥିତ କୁମୁଲି ଗ୍ରାମକୁ ପ୍ରାୟ ୧୧୯ଟି କଇଁଛ ଚୋରା ଚାଲାଣ ହେଉଥିବା ସମୟରେ ଉମରକୋଟ ବନ ବିଭାଗ ଏହାକୁ ଧରିବାରେ ସଫଳ ହୋଇଛି। ଏହି ଘଟଣାରେ ରାଜେଶ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ବନ ବିଭାଗ। ବ୍ୟକ୍ତି ଜଣକ କଳାହାଣ୍ଡିରୁ ଏକ ବାଇକରେ ଏହି କଇଁଛ ସବୁକୁ ରାଇଘରର କୁମୁଲି ଗ୍ରାମକୁ ଚାଲାଣ କରୁଥିଲେ। ଏହି ସମୟରେ ଉମରକୋଟ ବନ ବିଭାଗର କର୍ମଚାରୀ ନୂଆଗୁଡ଼ା ଛକରେ ଅଭିଯୁକ୍ତ ରାଜେଶଙ୍କୁ ଗିରଫ କରିଥିଲେ। କଇଁଛଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ଉମରକୋଟ ବନାଞ୍ଚଳ ଅଧିକାରୀ ଅନୁପ ସିଂ ପୂଝାରୀ କହିଛନ୍ତି। ଏହି ଚଢ଼ାଉ ସମୟରେ ରେଞ୍ଜରଙ୍କ ବ୍ୟତୀତ ଖରକା ବନପାଳ ହରିହର ବ୍ରହ୍ମା, ବନ୍ୟପ୍ରାଣୀ ଉଦ୍ଧାରକାରୀ ମୁଖ୍ୟ ଏ.ମନୋଜ, ବେହେଡା ବନରକ୍ଷୀ ଭଗବାନ ଭତ୍ରା, କୁର୍ସୀ ବନରଖୀ ଆଶୁତୋଷ ପାଢ଼ୀ ଓ ପ୍ରାୟ ୫ ଜଣ ସ୍କ୍ୱାଡ୍ ସଭ୍ୟ ଉପସ୍ଥିତ ଥିଲେ। କଇଁଛ ମାଂସ ଖାଇବା ପାଇଁ ଏହି ଚାଲାଣ ହେଉଥିବା ସନ୍ଦେହ କରାଯାଉଛି।

## ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ



ନୂତନ କର୍ମୀଙ୍କ ସହ ବିଧାୟକ, ବିଜେଡି ନେତା ଓ ଅନ୍ୟମାନେ।

ଝରିଗାଁ,୨୨।୫(ସ୍ୱ.ପ୍ର.)

**ଦଳରେ ସାମିଲ ହେଲେ ୬୦ ନୂତନ କର୍ମୀ**

ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ସୋମବାର ଝରିଗାଁ ବ୍ଲକ ସଦରର ୫ ୱାର୍ଡ ଏବଂ ଏକମ୍ବା ପଞ୍ଚାୟତ ଗସ୍ତ କରି ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହାର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରଥମେ ୫ଟି ୱାର୍ଡବାସୀଙ୍କ ସହ ସମସ୍ୟା ନେଇ ଆଲୋଚନା କରିଥିଲେ। ଏହାପରେ ସେ ଏକମ୍ବା ପଞ୍ଚାୟତର ରଙ୍ଗମାଟି ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ପରେ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ଆୟୋଜିତ ବୈଠକରେ ଯୋଗ ଦେଇଥିଲେ। ସ୍ଥାନୀୟ ଯୁବନେତା ସୁବାସ ସାନ୍ତା ଏବଂ ବିବେକ ସାନ୍ତାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମର ୬୦ଜଣ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବିଧାୟକ ମାଝି ସମସ୍ତଙ୍କୁ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ସମସ୍ତଙ୍କ ଆନ୍ତରିକ ସହଯୋଗରେ ଦଳ ଆହୁରି ଶକ୍ତିଶାଳୀ ଓ ମଜଭୁତ ହେବ ବୋଲି ସେ କହିଥିଲେ। ଏହି ଗସ୍ତବେଳେ ଓଡ଼ିଶା ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ନବରଙ୍ଗପୁର ଏମ୍‌ପିଙ୍କ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବ୍ଲକ ଅଧକ୍ଷ ଦୁର୍ଗା ମାଝି, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ବ୍ଲକ ବିଜେଡି ସଭାପତି ଟିକଚାନ୍ଦ ମାଝି, ବିଧାୟକ ପ୍ରତିନିଧି ରାମଧର ମାଝି, ନରସିଂହ ଦଳେଇ, ସଦାଶିବ ପଟ୍ଟନାୟକ, ସରପଞ୍ଚ ମୋହନ ନାୟକ, ଅନିତା ପୂଜାରୀ, ଶ୍ରୀପତି ଭତ୍ରା, ଗୋକୁଳ ପଟ୍ଟନାୟକ, ଅନିଲ ଜୈନ, ବିଶିକେଶନ ନାୟକ, ହରିଶ୍ଚନ୍ଦ୍ର ଗୋପାଳ, ମାଧବ କଲାର, ଭଗବାନ ଦଳପତି, ପିଙ୍କୁ କାହାଳିଆ, ଚୈତନ ମାଝି, ଅରୁଣ ସିଂ, ତ୍ରିନାଥ ଗୌଡ଼, ଦୁର୍ଯ୍ୟୋଧନ ମାଳୀ, ବୁଲୁ କୁଡୁମି, ନରେନ୍ଦ୍ର ନାୟକ, ଘାସି ନାୟକ, ଲକ୍ଷ୍ମଣ ନାୟକ, କାର୍ତ୍ତିକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୮୦ ପ୍ରକାର ବ୍ୟଞ୍ଜନ ପରଶିଲେ ପ୍ରତିଯୋଗୀ



ଅତିଥିମାନେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଉମରକୋଟ, ୨୨।୫(ସ୍ୱ.ପ୍ର.)

**ଜିଲାସ୍ତରୀୟ ମାଣ୍ଡିଆ ରେସିପି ପ୍ରତିଯୋଗିତା**

ନବରଙ୍ଗପୁର ଜିଲାସ୍ତରୀୟ ମାଣ୍ଡିଆ ରେସିପି ପ୍ରତିଯୋଗିତା ଉମରକୋଟ ବ୍ଲକ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ବିଭାଗ, ଆତ୍ମା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାହାରାର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା କରାଯାଇଛି। ଏଥିରେ ଉମରକୋଟ ବ୍ଲକ, ଉମରକୋଟ ପୌର ପରିଷଦ, ରାଇଘର ଓ ଝରିଗାଁରୁ ପ୍ରାୟ ୧୫ଟି ଦଳ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୩ଟି କଲେଜ ଦଳ, ୩ ଜଣ ହୋଟେଲ ମାଲିକ ଓ ୯ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସାମିଲ ହୋଇଥିଲେ। ପ୍ରତିଯୋଗୀମାନେ ମାଣ୍ଡିଆରେ ପ୍ରସ୍ତୁତ ଇଡ୍‌ଲି, ଲସି, ଖିରି, ମୋମସ, ଚକୁଳି, ବରା, ଗାରି, ପକୁଡ଼ି, ଉପମା, ଚିପ୍ସ ଏପରି ୮୦ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଆୟୋଜକମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ୧ ହଜାର ଟଙ୍କା ନଗଦ ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଉମରକୋଟ ବ୍ଲକ ଅଧକ୍ଷା ସୁଶୀଳା ମାଝି ମୁଖ୍ୟ ଅତିଥି, ବିଡିଓ ଡ. ହିମାଞ୍ଚଳ ମାଝି, ଉମରକୋଟ ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ଧଳ, ଆଇସିଡିଏସ୍ ସୁପରଭାଇଜର ପ୍ରଣିତା ପାଣିଗ୍ରାହୀ, ସାହାରା ମୁଖ୍ୟ ମନୋଜ ଧଳ, ମୃତ୍ୟୁଞ୍ଜୟ କନ୍ଦପାନ, ରାଜେଶ୍ୱରୀ ସ୍ୱାଇଁ, ବିଶ୍ୱଜିତ୍ ବେହେରା, ଜଗନ୍ନାଥ ହରିଜନ, ରୁଦ୍ର ପ୍ରତାପ ଶତପଥୀ, ବିଜୟ କୁମାର ବେହେରା, ବିରଞ୍ଚି ମିଶ୍ର, ଶିବ ସାନ୍ତା, ସାହା କୁମାର ବିଶ୍ୱାସ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

### ଜାମ୍ବବାଡ଼ିରୁ ଯୁବତୀଙ୍କ ମୃତଦେହ ଜବତ

ପାପଡ଼ାହାଣ୍ଡି,୨୨।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡଙ୍ଗରା ପଞ୍ଚାୟତ ସଦର ମହକୁମା କଲ୍ୟାଣ ମଣ୍ଡପ ପଛପଟ ରହିଥିବା ଜାମ୍ବବାଡ଼ିରୁ ଜଣେ ଯୁବତୀଙ୍କ ମୃତଦେହ ଜବତ ହୋଇଛି। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ଡଙ୍ଗରା ଗ୍ରାମର ପ୍ରହ୍ଲାଦ ଭତରାଙ୍କ ଝିଅ ବୁଦେଇ (୨୦)। ସୂଚନାନୁଯାୟୀ, ରବିବାର ସନ୍ଧ୍ୟା ୭ଟାରୁ ବୁଦେଇ ଘରୁ ବାହାରିଥିଲେ। ରାତିରେ ସେ ଘରକୁ ନ ଫେରିବାରୁ ପରିବାରର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ସୋମବାର ସକାଳେ ଗ୍ରାମବାସୀ ଜାମ୍ବବାଡିଦେଇ ଯାଉଥିବାବେଳେ ବୁଦେଇଙ୍କ ଝୁଲନ୍ତା ମୃତଦେହ ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକ ଏନେଇ କୋଡ଼ିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ ୧୪/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖବର ଲେଖାଯିବା ଏପର୍ଯ୍ୟନ୍ତ ମୃତଦେହ ଓହ୍ଲାଯାଇ ନାହିଁ। ସାଇଣ୍ଟିଫିକ ଟିମ ତଦନ୍ତ ପରେ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନାଧିକାରୀ ବିକ୍ରମ କିଶୋର ସାହୁ କହିଛନ୍ତି।

## ଅମଲା କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

ପାପଡ଼ାହାଣ୍ଡି, ୨୨।୫(ଡି.ଏନ୍.ଏ.)

୯ ଦଫା ଦାବିନେଇ ମିଳିତ ଅମଲା ସଂଘର ଡାକରାରେ ସୋମବାର ପାପଡ଼ାହାଣ୍ଡି ବ୍ଲକରେ କାର୍ଯ୍ୟରତ ଅମଲାମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏପରି ଚାଲିବ। ଯଦି ସରକାର ଦାବିଗୁଡ଼ିକ ପୂରଣ ନ କରନ୍ତି ତା'ହେଲେ ଜୁନ୍ ୧ରୁ




ତହସିଲ କାର୍ଯ୍ୟାଳୟରେ ଅମଲାମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି।

ସମୂହ ଛୁଟିରେ ଯିବେ ବୋଲି ସଂଘ ଚେତାବନୀ ଦେଇଛି। ନବରଙ୍ଗପୁର ଜିଲା ଅମଲା ସଂଘ ସଭାପତି କୈଳାସ ଚନ୍ଦ୍ର ଦାସଙ୍କ ଆହ୍ୱାନକ୍ରମେ ପାପଡ଼ାହାଣ୍ଡି ତହସିଲ, ପଞ୍ଚାୟତ ସମିତି, ସମନ୍ୱୟ ଶିଶୁ ବିକାଶ, କୃଷି କାର୍ଯ୍ୟାଳୟ, ବିଇଓ ଅଫିସରେ କାମ କରୁଥିବା ଅମଲାମାନେ କଳା ବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି।

## ମାଟ୍ରିକ ବ୍ଲକ ଟପ୍ପର ମୋନାଲିସାଙ୍କୁ ସମ୍ବର୍ଦ୍ଧନା

ଡାବୁଗାଁ, ୨୨।୫ (ଡି.ଏନ୍.ଏ.)

ଚଳିତ ବର୍ଷ ମାଟ୍ରିକ୍ ପରିକ୍ଷାରେ ଡାବୁଗାଁ ବ୍ଲକ ଟପ୍ପର ହୋଇଥିବା ମୋନାଲିସା ମାଝିଙ୍କୁ ନବରଙ୍ଗପୁର ଜିଲା ଡାବୁଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ଗୁପ୍ତ ପ୍ରସାଦ ନାଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସଦସ୍ୟମାନେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଭବିଷ୍ୟତରେ ଶିକ୍ଷକତା କରି ସମାଜକୁ ନୂଆ ଆଶା ଓ କିରଣ ଦେବେ ବୋଲି ମୋନାଲିସା କହିଛନ୍ତି। ମୋନାଲିସାଙ୍କ ବାପା ଜଣେ ସରକାରୀ ଶିକ୍ଷକ ଓ ମାଆ



ଗୃହଣୀ। ଡାବୁଗାଁ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ମୋନାଲିସା ପଢୁଥିଲେ। ସେ ୬୦୦ରୁ ୫୪୦ ନମ୍ବର ରଖି ବ୍ଲକରେ ପ୍ରଥମ ହୋଇଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଂଘ ସମ୍ପାଦକ ହେମନ୍ତ ପଣ୍ଡା, ପ୍ରସନ୍ନ ଦଣ୍ଡସେନା, ଧନୁର୍ଜୟ ବଡ ଜେନା, ଶ୍ରୀକାନ୍ତ ପଣ୍ଡା, ପିଙ୍କି କୁମାରୀ ଗୁପ୍ତା, ଗୀତାଞ୍ଜଳି ବସ୍ତିଆ, ହେମେନ୍ଦ୍ର ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୋଗ ଶୁଣି ସମାଧାନ ନିର୍ଦ୍ଦେଶ

- ତେନ୍ତୁଲିଖୁଣ୍ଟି ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି
- ହିତାଧିକାରୀଙ୍କୁ ସହାୟତା

ତେନ୍ତୁଲିଖୁଣ୍ଟି,୨୨।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. କମଳଲୋଚନ ମିଶ୍ର, ଏସ୍‌ପି ଏସ୍.ସୁଶ୍ରୀ, ଉପଜିଲାପାଳଙ୍କ ସହ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଅଧିକାରୀମାନେ ୫୩ ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୧୬ଟି ଗୋଷ୍ଠୀଗତ ଅଭିଯୋଗ ଥିଲା।

ପରଜାବାରଙ୍ଗପଦର ପଞ୍ଚାୟତର ଖାତିଗୁଡ଼ା ଗ୍ରାମ ତଥା ବଜାର ଓ କଲୋନିର ପାନୀୟ ଜଳ ସମସ୍ୟା ସମାଧାନ, ପଞ୍ଚାୟତରେ କଲ୍ୟାଣ ମଣ୍ଡପ ସ୍ଥାପନ ପାଇଁ ସମିତି ସଭ୍ୟ ସୁକାନ୍ତି ମହାନ୍ତି ନିବେଦନ କରିଥିଲେ। ଜାନିସାହିରୁ ହରିଜନ ସାହି କଂକ୍ରିଟ ରାସ୍ତା ପାଇଁ ଦିଗି ସରପଞ୍ଚ କିଶୋର ନାୟକ ନିବେଦନ କରିଥିଲେ। ପଣସପଦରରୁ ଚରାମୂଳା ଜରାଜୀର୍ଣ୍ଣ ରାସ୍ତାର ବିକାଶ ପାଇଁ ମଧ୍ୟ ଅନୁରୋଧ କରାଯାଇଥିଲା। ମେରାକାନିରେ ବିକାଶମୂଳକ କାର୍ଯ୍ୟ କରାଯାଉନାହିଁ ବୋଲି ଅଭିଯୋଗ ହୋଇଥିଲା। ରାଇସ ମିଲ୍‌ରୁ ପ୍ରଦୂଷଣ ବ୍ୟାପୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଅଁଳାଭଟ୍ଟାର ପଣ୍ଡିକୋଟରୁ ଡେଙ୍ଗାପଦର ରାସ୍ତା ପାଇଁ ଅନୁରୋଧ କରିଥିଲେ ଗ୍ରାମବାସୀ। ଘୁମରେଶ୍ୱର ଶୈବପୀଠ ରାସ୍ତା ଓ ପାନୀୟ ଜଳ ସୁବିଧା କରିବାକୁ ପାତ୍ରପୁଟ ସମିତି ସଭ୍ୟ ଦିଲୀପ ପ୍ରଧାନୀ, ଝରିଗୁମ୍ମା ଗ୍ରାମବାସୀ ଅନୁରୋଧ କରିଥିଲେ। ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗ ଶୁଣାଣି ପରେ ୨ଜଣଙ୍କୁ ଟ୍ରାଇସାଇକେଲ, ଜଣଙ୍କୁ ବ୍ଲାଇଣ୍ଡ ଷ୍ଟିକ୍, ୧୮ ଜଣଙ୍କୁ ଆଶାବାଡ଼ି, ୨ଜଣ କୃତ୍ରିମ ହାତ ଓ ଜଣଙ୍କୁ କୃତ୍ରିମ ଗୋଡ଼ ଏବଂ ୩୫ ଜଣ ହିତାଧିକାରୀଙ୍କୁ ପେନ୍‌ସନ ଦିଆଯାଇଥିଲା। ଏହି ସମୟରେ ଜିଲାପାଳ ଓ ଏସ୍‌ପିଙ୍କ ସମେତ ଡିଏଫ୍‌ଓ ଜି.ଜଗଦୀଶ ରାଓ, ଜିଲା ମୁଖ୍ୟ ଉଦ୍ୟାନ ଅଧିକାରୀ ଜି.ଭେଙ୍କଟ ରେଡ୍ଡୀ, ସହକାରୀ ଜିଲା ପଶୁ ଚିକିତ୍ସାଧିକାରୀ ଦିଲୀପ କୁମାର କବିରାଜ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଭିଜିତ ପାଢ଼ୀ, ବିଡିଓ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ଉକ୍ତ ନିର୍ଦ୍ଦେଶ ପାଳନ ସମ୍ପର୍କରେ ସମୀକ୍ଷା କରାଯାଇ ପରବର୍ତ୍ତୀ ଅଭିଯୋଗ ଶୁଣାଣିରେ ପ୍ରକାଶ କରିବାକୁ ବୁଦ୍ଧିଜୀବୀ କହିଛନ୍ତି।



ଅଧିକାରୀମାନେ ହିତାଧିକାରୀଙ୍କୁ ସହାୟତା ଦେଉଛନ୍ତି।

## ଆରମ୍ଭ ହେଲା ମା' ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା

- ଚୈତ୍ର ବଦଳରେ ଜ୍ୟେଷ୍ଠ ମାସରେ ପାଳନ ହୁଏ ମା'ଙ୍କ ଯାତ୍ରା
- ମା'ଙ୍କ ଘଟ ବାହାରିଲେ ଭଲ ଫସଲ ସହ ସମସ୍ତେ ନୀରୋଗ ରହୁଥିବା ବିଶ୍ୱାସ

ପାପଡ଼ାହାଣ୍ଡି,୨୨।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିର ପ୍ରସିଦ୍ଧ ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ସୋମବାର ଉଦ୍‌ଘାଟିତ ହୋଇଛି। ଅପରାହ୍ଣରେ ବାଦ୍ୟନୃତ୍ୟରେ ତାଳେ ତାଳେ ମା'ଙ୍କ ତିନୋଟି ଘଟ ବାହାରିଥିଲା। ୯ ଦିନ ଧରି ମା'ଙ୍କ ଘଟ ବିଭିନ୍ନ ଗ୍ରାମ ପରିକ୍ରମା କରିବ। ଆସନ୍ତା ମଙ୍ଗଳବାର ମାଝିଗୁଡ଼ା ଯାଇ ଘଟଯାତ୍ର ଉଦ୍‌ଯାପିତ ହେବ। ଅପରାହ୍ଣରେ ମା'ଙ୍କ ଘଟକୁ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ଫେରିବା ସମୟରେ ମହିଳା ଓ ପୁରୁଷମାନେ ଢେମ୍‌ସା ନାଚ କରି ମା'ଙ୍କୁ



ମା'ଙ୍କ ତିନୋଟି ଘଟକୁ ଲୋକେ ପୂଜା କରୁଛନ୍ତି।

ପାଛୋଟି ଆଣିଥାନ୍ତି। ସବୁଆଡେ ଚୈତ୍ରମାସରେ ଠାକୁରାଣୀ ଯାତ୍ରା ହେଉଥିବାବେଳେ ପାପଡ଼ାହାଣ୍ଡିରେ ଜ୍ୟେଷ୍ଠ ମାସରେ ଠାକୁରାଣୀ ଯାତ୍ରା ହୋଇଥାଏ। ମା'ଙ୍କ ଘଟ ବାହାରିଲେ ଫସଲ ଠିକ୍ ହେବା ସହ ସମସ୍ତେ ନୀରୋଗ ରହିବେ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ମା'ଙ୍କ ଘଟ ଗ୍ରାମରେ ପହଞ୍ଚିବା ପରେ ପ୍ରତ୍ୟେକ ଗ୍ରାମ ବର୍ତ୍ତମାନ ଚଳଚଞ୍ଚଳ ହୋଇଉଠିଛି। ଶେଷ ଦିନରେ ମାଝିଗୁଡ଼ାରେ ବଜାର ବସିବା ସହ ପ୍ରବଳ ଭିଡ଼ ଜମିବ।

